ସକାଳ
THE SAKALA



# ଜନନେତା ନବୀନଙ୍କ ଆଶୁ ଆରୋଗ୍ୟ ପାଇଁ ଦୀପଦାନ, ପ୍ରାର୍ଥନା












ବ୍ରହ୍ମପୁର,୨୨।୬(ସମିସ): ଗୋପାଳପୁର ନିର୍ବାଚନୀ ମଣ୍ଡଳୀ ଅଧିନସ୍ଥ ପଞ୍ଚମା ଗଣେଶ ମନ୍ଦିରରେ ରବିବାର ବିଜେଡି ସୁପ୍ରିମ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶୁ ଆରୋଗ୍ୟ କାମନା କରି ଗୋପାଳପୁର ବିଜେଡି ପକ୍ଷରୁ ସମୂହ ଦୀପାଦାନ ଓ ପୂଜାର୍ଚ୍ଚନା କରାଯାଇଛି। ସକାଳେ ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ନେତୃତ୍ୱରେ ପଞ୍ଚମା ଗଣେଶ ମନ୍ଦିରରେ ଆଶୁ ଆରୋଗ୍ୟ କାମନା କରି ଦୀପଦାନ କରି ପୂଜାର୍ଚ୍ଚନା ଓ ପ୍ରାର୍ଥନା କରିଥିଲେ। ଏ ଅବସରରେ ଜିଲ୍ଲା ବିଜେଡ଼ି ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେ଼ପୁଟି ମେୟର ଇ ବିବେକ ରେଡି, ଗଞ୍ଜାମ ଜିଲ୍ଲା ପରିଷଦ ଉପସଭାପତି ଏସ୍‌ ରାଜେଶ୍ୱରୀ ଦୋରା, ଗୋପାଳପୁର ଏନ୍‌ଏସି ଚେୟାରମେନ ଏ ଜାନକୀ ରାମ, ଉପାଧ୍ୟକ୍ଷ ବି. ଉମା, ୫୪ନଂ ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ଭାରତୀ ନାୟକ, ଚାନ୍ଦପୁର ସରପଞ୍ଚ ରଶ୍ମିତା ପାତ୍ର, ସରପଞ୍ଚ ଅଜିତ ରାଉଳ, ଭଗବାନ ଗନ୍ତାୟତ, ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି ଅଜିତ ଦାଶ, ଯୁବ ନେତା ସୁବାଶିଷ ସାହୁ, ଡ଼ିଲେଶ୍ୱର ରେଡି, ଏମ ସୁଜାତା ସୁବାସ ମହାରଣା, ପ୍ରତାପ ଚନ୍ଦ୍ର କୋଠିଆ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ। ସେହିଭଳି ଗତକାଲି ବ୍ରହ୍ମପୁର ବୁଢୀ ଠାକୁରାଣୀ ମନ୍ଦିରରେ ମଧ ଦୀପଦାନ କରାଯାଇଥିଲା।

**ଛତ୍ରପୁର:** ସେହିପରି ଛତ୍ରପୁର ବିଜୁ ଜନତା ଦଳର ନେତା, କର୍ମୀ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଗୌରୀ ଶଙ୍କର ମନ୍ଦିରରେ ସମୂହ ପ୍ରଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରି ନବୀନ ବାବୁ ଶୀଘ୍ର ସୁସ୍ଥ ହୋଇ ଫେରି ପୁନଃ ଓଡ଼ିଶାବାସୀଙ୍କ ଲାଗି ସେବାରେ ଲାଗିବେ ବୋଲି ପ୍ରାର୍ଥନା କରିଥିଲେ। ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ଛତ୍ରପୁର ଏନ୍‌ଏସି ଉପାଧ୍ୟକ୍ଷ ଜି. ପାପା ରାଓ, ବିଜେଡି ଜିଲ୍ଲା ଉପସଭାପତି ଶଙ୍କର ପ୍ରସାଦ ଦାଶ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ଜିଲ୍ଲାପରିଷଦ ସଭ୍ୟା ରଶ୍ମିତା ନାହାକ, ପୂର୍ବତନ ସରପଞ୍ଚ ସୋମନାଥ ବେହେରା, ଯୁବ ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ଭବାନୀ କାନ୍ତ ସାହୁ, ଯୁବ ବିଜେଡି ଛତ୍ରପୁର ବ୍ଲକ ସଭାପତି କାଳିଆ ନାହାକ, ଉପସଭାପତି କାହ୍ନୁ ଚରଣ ବେହେରା, ସରକାରୀ ଓକିଲ ଏଲ. ଗୋପାଳ ରାଓ ଓ ଭୈରବୀ ପଟ୍ଟନାୟକ, ଟିକିନା ଗୌଡ଼, ବି ଗୋପାଳ ସ୍ୱାମୀ, କିଶୋର ବେହେରା, ନାଗେଶ୍ୱର ରାଓ, ମାଙ୍ଗେଲେଶ୍ୱର ରାଓଙ୍କ ସମେତ ବହୁ ବିଜୁ ପ୍ରେମୀ ଉପସ୍ଥିତ ଥିଲେ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ବିଜେଡ଼ି ପକ୍ଷରୁ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ନିକଟରେ ସାମୂହିକ ଦୀପଦାନ କରାଯାଇଛି। ଖଲ୍ଲିକୋଟ ପୂର୍ବତନ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ତତ୍ତ୍ୱାବଧାନରେ ମା' ତାରାତାରିଣୀଙ୍କ ନିକଟରେ ପୂଜାର୍ଚ୍ଚନା କରି ସାମୂହିକ ଦୀପଦାନ କରାଯାଇଥିଲା। ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ବିଜେଡ଼ି ନେତା ଶୁଭ୍ରାଂଶୁ ଶେଖର ସାବତ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜିତ କୁମାର ବେହେରା, ନୀଳାମଣି ପଣ୍ଡା, ପ୍ରଭାତ କୁମାର ପଟ୍ଟନାୟକ, ଭବାନୀ ଶଙ୍କର ପଣ୍ଡା, ପ୍ରତାପୁର ସରପଞ୍ଚ ଦାଶ ବେହେରାଙ୍କ ସମେତ ଶତାଧିକ ମହିଳା ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

**ଖଲ୍ଲିକୋଟ:** ଖଲ୍ଲିକୋଟ ବିଜେଡି ପକ୍ଷରୁ ମା' ନାରାୟଣୀଙ୍କ ପୀଠରେ ସାମୂହିକ ଦୀପଦାନ କରାଯାଇଛି। ଏନ୍‌ଏସି ଅଧ୍ୟକ୍ଷ ଇଂ ନିରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ମା' ନାରାୟଣୀଙ୍କ ପୀଠରେ ଦୀପଦାନ ସହ ପୂଜାର୍ଚ୍ଚନା କରାଯାଇଥିଲା। କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ, ନାରାୟଣ ବାରିକ, ଅଶୋକ ସେଠୀ ଓ ଅନ୍ୟ କାଉନ୍‌ସିଲରଙ୍କ ସହ ବରିଷ୍ଠ ନେତା ସନ୍ତୋଷ କୁମାର ମହାପାତ୍ର ଓ ବିଜେଡି କର୍ମୀ ଉପସ୍ଥିତ ଥିଲେ।

**ପାତ୍ରପୁର:** ପାତ୍ରପୁର ବ୍ଲକ ଜରଡ଼ା ଗଡ଼ ସ୍ଥିତ ପାର୍ଥସାରଥୀ ମନ୍ଦିରଠାରେ ଟିକିଟି ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବଙ୍କ ନେତୃତ୍ୱରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସଫଳତାର ସହିତ ଅସ୍ତ୍ରୋପଚାର ହୋଇଥିବାବେଳେ ନବୀନ ପଟ୍ଟନାୟକ ତୁରନ୍ତ ଓଡ଼ିଶାକୁ ଫେରି ଓଡ଼ିଶାବାସୀଙ୍କ ସେବା କରିବାକୁ ଜଗନ୍ନାଥଙ୍କୁ କର୍ମୀମାନେ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ବାପୁଜୀ ବିଷୋୟୀ, ବିଜୟ ପ୍ରଧାନ, ବାଦପୁର ସରପଞ୍ଚ ଶଶାଙ୍କ ପାଣିଗ୍ରାହୀ, ସଂଗ୍ରାମ କେଶରୀ ନାୟକ, ଜେ. ଧର୍ମା ରେ‡ୀ, ସାହେବ ବିଷୋୟୀ, ବୃନ୍ଦାବନ ପ୍ରଧାନ, ନଗମା ରାଓ, ସନ୍ତୋଷ ନାୟକ, ବଳରାମ ପଣ୍ଡା, ସୋମ୍ୟ ପ୍ରଧାନ, ସରୋଜ ବିଷୋୟୀ, କୈଳାଶ ସାହୁ, ଦୀପକ ପ୍ରଧାନ, ସୁଶାନ୍ତ ବେହେରା, ତୀର୍ଥ ପ୍ରଧାନଙ୍କ ସମେତ ବହୁ ବିଜୁ ପ୍ରେମୀ ଉପସ୍ଥିତ ଥିଲେ।

**ଧରାକୋଟ:** ଧରାକୋଟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁଙ୍କ ଶହ ଶତାଧିକ ଶୁଭେଚ୍ଛୁ ଗ୍ରାମ ସ୍ଥିତ ସପନେଶ୍ୱର ଶୈବପୀଠରେ ଅଖଣ୍ଡ ଦୀପଦାନ କରିଛନ୍ତି। ରବିବାର ସକାଳୁ ମହା ମୃତ୍ୟୁଞ୍ଜୟ ମନ୍ତ୍ର ବ୍ରାହ୍ମଣ ମାନଙ୍କ ଦ୍ୱାରା ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ସ୍ୱାଇଁ, ସରପଞ୍ଚ ପୁନିଆ ଦାସ, ରାଜେନ୍ଦ୍ର ବେହେରା, ମାମାଲି ପଣ୍ଡା, ପିଙ୍କି ସ୍ୱାଇଁ, ରୁନୁ ରାଣୀ ପଟ୍ଟନାୟକ, ମାନସ ରଞ୍ଜନ ଜେନା, ଗିରୀ ଧାରୀ ଦାସ, ରୋହିତ ସ୍ୱାଇଁ, ପାଣ୍ଡା, ସାଇ ସୁମିତ, ଆକାଶ, ଲିଟୁନ, ବିଟୁନଙ୍କ ସମେତ ଧରାକୋଟ ଗ୍ରାମର ବହୁ ନବୀନ ପ୍ରେମୀ ଉପସ୍ଥିତ ରହିଥିଲେ। ନବୀନ ବାବୁ ଖୁବଶୀଘ୍ର ଆରୋଗ୍ୟ ହୋଇ ଫେରିବେ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା କହିଥିଲେ।

**ଆସିକା:** ଆସିକା ବିଧାନସଭା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଦକ୍ଷିଣ ଓଡିଶାର ଆରାଧ ଦେବୀ ଆସିକା ସ୍ଥିତ ମା' ଖମ୍ବେଶ୍ୱରୀଙ୍କ ପୀଠରେ ଦୀପଦାନ କରାଯାଇଛି। ଆସିକାର ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସମେତ ବରିଷ୍ଠ ବିଜେଡି ନେତା, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ଯୁବ ଛାତ୍ର ଓ ଛାମୁଆ ନେତା ଏକତ୍ରିତ ହୋଇ ଦୀପଦାନ କରିଥିଲେ। ବରିଷ୍ଠ ବିଜେଡି ନେତା ଦିଲୀପ କୁମାର ପାଣିଗ୍ରାହୀ, ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ବିଜେଡି ନେତା ସନ୍ତୋଷ ନାୟକ, ସନ୍ତୋଷ ପୋଲାଇଙ୍କ ସମେତ ବହୁ ବିଜୁପ୍ରେମୀ ଉପସ୍ଥିତ ଥିଲେ।

**ବୁଗୁଡା:** ପ୍ରାକ୍ତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ପ୍ରସ୍ତାବ କ୍ରମେ ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ବିଜୁ ଜନତା ଦଳ ତରଫରୁ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସ୍ଥାନୀୟ ବଳଦେବ ସ୍ୱାମୀ ଏବଂ ବିରଞ୍ଚି ନାରାୟଣ ମନ୍ଦିର ପରିସରରେ ସାମୂହିକ ଦୀପଦାନ ପୂର୍ବକ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ ବୁଗୁଡ଼ା ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇ, କାର୍ଯ୍ୟକାରୀ ସଭାପତି କବିରାଜ ଗୌଡ, ନଗର ସଭାପତି କେ.ତ୍ରିଲୋଚନ ଦୋରା, ସମ୍ପାଦକ ଅମରେନ୍ଦ୍ର ସେନାପତି, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଦାଶ, ଜିଲ୍ଲା ପରିଷଦ ସଦସ୍ୟା ସମିତା ସ୍ୱାଇଁ, ଜିତେନ୍ଦ୍ର ନାୟକ, ଭାଗ୍ୟଲକ୍ଷ୍ମୀ ରାଉତ, କିଶୋର ଚନ୍ଦ୍ର ବେହେରା, ଗୋପୀନାଥ ସ୍ୱାଇଁ, ରାମଚନ୍ଦ୍ର ନାହାକ, ରମଣ ନାହାକ, ସୂର୍ଯ୍ୟ ନାରାୟଣ ମହାନ୍ତିଙ୍କ ସମେତ ଅଞ୍ଚଳର ବହୁ ଜନପ୍ରତିନିଧି ଏବଂ ବିଜୁ ଜନତା ଦଳର ଶତାଧିକ କର୍ମୀ ଉପସ୍ଥିତ ରହି ନବୀନ ବାବୁଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

**ସାନଖେମୁଣ୍ଡି:** ସାନଖେମୁଣ୍ଡି ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବୁଦ୍ଧେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି। ସାନଖେମୁଣ୍ଡି ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବହୁ ଛାତ୍ର ଓ ଯୁବ ନେତା ବୁଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନବୀନ ପଟ୍ଟନାୟକ ଫୋଟ ଚିତ୍ର ରଖି ପୂଜା କରିଛନ୍ତି। କାର୍ଯ୍ୟକ୍ରମରେ ବିଜୁ ଯୁବ ଓ ଛାତ୍ର ନେତା ସୁନିଲ ମହାକୁଡ, ଧିରେନ ରଣା, ପିଣ୍ଟୁ ସ୍ୱାଇଁ, ସନ୍ତୋଷ ନାହାକ, ଚନ୍ଦନ ରାଉତ, ଜିତେନ୍ଦ୍ର ପ୍ରଧାନ, ମାନସ ଜେନା, ମହେନ୍ଦ୍ର ସେଠୀ, ସଂଜୟ ଗୌଡ଼ଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ପିଏଚ୍‌ଡି ଲାଭ



ଶ୍ରୀ ଶ୍ରୀଧର ରଞ୍ଜନ ଦାସ Biju Patnaik University of Technology (BPUT), Rourkela ରୁ ଫାର୍ମାସି ବିଭାଗରେ କୃତିତ୍ୱ ସହ (Ph.D) ଉପାଧି ଲାଭ କରିଛନ୍ତି। Einstein College of Pharmacy, Khurda ର Prof. (Dr.) Bibhuti Bhusana Panigrahi ଏବଂ I.G.I.P.S, Bhubaneswar ର Prof. (Dr.) Manoj Kumar Paniଙ୍କ ତତ୍ତ୍ୱାବଧାନରେ "Formulation and Evaluation of Novel Bilayer Floating Tablet By Using Selective Drugs as GRDDS" ଉପରେ ଗବେଷଣା କରିଥିବା ସନ୍ଦର୍ଭଟି Examiner, Prof. (Dr.) Satyabrata Bhanja, RITEE college of Pharmacy, Raipur ଏବଂ Dr. Rakesh Gupta, Vaish institute of pharmaceutical education, Rohtak, Haryana ଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶ୍ରୀଧର ରଞ୍ଜନ ଦାସ ବର୍ତ୍ତମାନ S.I.P.E.R, Cuttack ଠାରେ Associate Professor ଭାବେ କାର୍ଯ୍ୟରତ ଥିବା ସହ ତାଙ୍କର ଗବେଷଣାତ୍ମକ କାର୍ଯ୍ୟ ପାଇଁ ବିଦେଶର ଅନେକେ ଗବେଷଣା ସଂସ୍ଥା ଦ୍ୱାରା ପ୍ରଶଂସିତ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନେକ ବହୁ ପ୍ରତିଷ୍ଠିତ ଗବେଶାତ୍ମକ ପତ୍ରିକା ପ୍ରକାଶକ ସଂସ୍ଥା ରେ ସମୀକ୍ଷକ ଭାବେ କାର୍ଯ୍ୟ କରି ଦେଶ ଏବଂ ବିଦେଶ ରେ ପ୍ରତିଷ୍ଠା ଲାଭ କରିଛନ୍ତି। ଡ. ଶ୍ରୀଧର ରଞ୍ଜନ ଦାସ କଟକ ଜିଲ୍ଲାର ଯଶପଡା ନିବାସୀ, ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ସୁଦାମ ଚରଣ ଦାସ ଏବଂ ଶ୍ରୀମତୀ ବାସନ୍ତୀ ଦାସଙ୍କ ମଧ୍ୟମ ପୁତ୍ର ଅଟନ୍ତି। ସେ କୁନି ବେହେରାଙ୍କ ଏକମାତ୍ର ଜାମାତା ଅଟନ୍ତି। ସେ ଏହି କାର୍ଯ୍ୟର ସଫଳତାର ଶ୍ରେୟ ପ୍ରଭୁ ଶ୍ରୀ ଜଗନ୍ନାଥ, ଝଙ୍କଡ ବାସିନୀ ମା ଶାରଳା, ପିତାମାତା, ପରିବାର, ବନ୍ଧୁ, ପରିଜନ ତଥା ଗବେଷଣା ପାଇଁ ଉତ୍ସାହିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଛନ୍ତି।

## ମଥୁରା କେଦାରେଶ୍ୱର ମନ୍ଦିରରୁ ଲକ୍ଷାଧିକ ଟଙ୍କା ଲୁଟ୍

ଖଲ୍ଲିକୋଟ,୨୨।୬(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ମଥୁରା କେଦାରେଶ୍ୱର ମନ୍ଦିରରୁ ଶନିବାର ରାତିରେ ହୁଣ୍ଡି ଭାଙ୍ଗି ଲକ୍ଷ୍ୟାଧିକ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ରାତିରେ ଠାକୁରଙ୍କ ରାତ୍ର ଧୂପ ପରେ ପୂଜକ କେଦାର ପଣ୍ଡା ମନ୍ଦିର ବନ୍ଦ କରି ଘରକୁ ଯାଇଥିଲେ। ଆଜି ରବିବାର ସକାଳୁ ଆସି ଦେଖିବା ବେଳକୁ ମନ୍ଦିର ଗେଟ୍ ଖୋଲାଥିଲା। ହୁଣ୍ଡିର ତାଲା ଭାଙ୍ଗି ତଳେ ପଡିଥିଲା। ରୋଷ ଘରର କବାଟ ମଧ ଖୋଲାଥିଲା। ମନ୍ଦିରରୁ ଚୋରି ହୋଇଥିବା ସନ୍ଦେହ କରି ପୂଜକ ପରିଚାଳନା କମିଟିକୁ ଖବର ଦେଇଥିଲେ। ଏହାପରେ ଖଲ୍ଲିକୋଟ ପୁଲିସ ମନ୍ଦିରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଗତବର୍ଷ ମନ୍ଦିରର ହୁଣ୍ଡୀ ଖୋଲା ଯାଇଥିଲା। ଯାହା ଟଙ୍କା ବାହାରିଥିଲା ତାକୁ ଗଣତି କରା ନ ଯାଇ ଏକ ଥଳିରେ ପୁରାଇ ରୋଷ ଘରେ ରଖା ଯାଇଥିଲା। ତାକୁ ମଧ ଚୋର ନେଇ ଯାଇଛନ୍ତି। ଏହା ବ୍ୟତୀତ ପୂଜକ ରୋଷ ଘରେ ରଖିଥିବା ପ୍ରାୟ ୫ରୁ ୧୦ହଜାର ଟଙ୍କା ଦୁର୍ବୃତ୍ତ ନେଇ ଯାଇଛନ୍ତି। ହୁଣ୍ଡିର ତାଲା କାଟି ବର୍ଷକ ଯାକର ଆୟ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି ଲୁଟେରା।

## ୟୁରୋ ସ୍କୁଲ ପରିସରରେ ଦକ୍ଷତା ବିକାଶ କର୍ମଶାଳା



ଛତ୍ରପୁର,୨୨।୬(ସମିସ): ଛତ୍ରପୁର ୟୁରୋ ସ୍କୁଲ ପରିସରରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଛତ୍ରପୁର, ବ୍ରହ୍ମପୁର ଓ ଆଖପାଖ ଅଂଚଳର ସିବିଏସଇ ଅନୁବନ୍ଧିତ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶିକ୍ଷକ ଭାବେ ପଲ୍ଲବୀ ମହାପାତ୍ର ଓ ତପସ୍ୱିନୀ ମହାରଣା ଯୋଗଦେଇ ଜାତୀୟ ପାଠ୍ୟକ୍ରମର ଆଧାର-୨୦୨୩ ଏବଂ ଜାତୀୟ ଶିକ୍ଷାନୀତି ୨୦୨୦ନିୟମ ଅନୁଯାୟୀ ଶିକ୍ଷାଦାନ ଉପରେ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାର୍ଥୀମାନେ କିପରି ସଠିକ ଭାବେ ଶିକ୍ଷାଦାନ କରି ପାରିବେ ତାହା ଉପରେ ମଧ କହିଥିଲେ। ଏହି କର୍ମଶାଳାରେ ୟୁରୋ ସ୍କୁଲର ମୁଖ୍ୟ ତଥା ଆଇନଜୀବୀ ରଞ୍ଜନ ମହାପାତ୍ର, ପ୍ରିନ୍ସପାଲ ତପସ୍ୱିନୀ ସାହୁ ଓ ଏକାଡେମୀ ଡାଇରେକ୍ଟର ପ୍ରମୋଦ କୁମାର ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।

## ସୃଜନ ସାହିତ୍ୟ, ସଂସ୍କୃତି ସଂସଦର ବୈଠକ



ଛତ୍ରପୁର,୨୨।୬(ସମିସ): ସୃଜନ ସାହିତ୍ୟ ସଂସ୍କୃତି ସଂସଦ ତରଫରୁ କବି ଡ. ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ମାସିକ କବିତା ଆସର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସମ୍ପାଦକ ସୋମନାଥ ସାହୁ, ଆଇନଜୀବୀ ଗୋକୁଳ ଚନ୍ଦ୍ର ପଣ୍ଡା, ଶୈଳବାଳା ପାଣିଗ୍ରାହୀ, ସନ୍ତୋଷ କୁମାର ଦାସ, ବଳରାମ ପଲେଇ, ବିନୋଦିନୀ ନାୟକ, ଟି. ରାମାନୁଜ ଦାସ,ନରେନ୍ଦ୍ର ପଣ୍ଡା, ବିଜୟ ରାଉଳ, ଜ୍ୟୋତିରାଜ ନାୟକ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଭକ୍ତି ସଙ୍ଗୀତର ମହନୀୟତା ବିଷୟରେ ଆଲୋଚନା କରିଥିଲେ। କବୟିତ୍ରୀ ବିନୋଦିନୀ ନାୟକ କବିତା ସଂଯୋଜନା କରିଥିଲେ।

## ରଥଯାତ୍ରାରେ ସେବା କାର୍ଯ୍ୟ କରିବେ ୩୦୦ରୁ ଅଧିକ ସ୍ୱେଚ୍ଛାସେବୀ

ଛତ୍ରପୁର,୨୨।୬(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ "ସେବା ପ୍ରତିନିଧି'ର ସଦସ୍ୟମାନେ ପୁଣି ରଥଯାତ୍ରାରେ ସଙ୍ଗଠନର ମୁଖ୍ୟ ସମାଜସେବୀ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ସେବା କାର୍ଯ୍ୟ କରିବାକୁ ପୁଲିସ କମିଶନର, ଭୁବନେଶ୍ୱରଙ୍କ ଅନୁମତି ପ୍ରାପ୍ତ କରିଛି। ପୂର୍ବବର୍ଷ ଭଳି ଏଥର ମଧ ପୁରୀ ଲୋକନାଥ ରୋଡ଼ରେ ଅବସ୍ଥିତ ନିଗମାନନ୍ଦ ଆଶ୍ରମର ମିଳିତ ସହଯୋଗରେ ଏହି ସଦସ୍ୟମାନେ ରଥଯାତ୍ରାରେ ଶୃଙ୍ଖଳିତ ଭାବେ ବିଭିନ୍ନ ସେବା କାର୍ଯ୍ୟ କରିବେ। ରଥଯାତ୍ରା ପୂର୍ବରୁ ଓ ପରେ ବଡ଼ଦାଣ୍ଡ ସଫେଇ, ଖାଦ୍ୟ ଓ ପାନୀୟ ଜଳ ବାଣ୍ଟିବା, ଷ୍ଟ୍ରେଚରରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ହସ୍ପିଟାଲ ପହଞ୍ଚାଇବା, ପୁଲିସ, ପ୍ରଶାସନକୁ ଯଥା ସମ୍ଭବ ସାହାଯ୍ୟ କରିବା ପାଇଁ ସ୍ଥିର କରାଯାଇଛି। ୫ଜଣ ଡାକ୍ତର, ୭ଜଣ ଇଂଜିନିୟର, ୧୦ଜଣ ଓକିଲ, କଳାକାର, ମହିଳା ମଣ୍ଡଳ ତଥା ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୩୦୦ରୁ ଅଧିକ ସଦସ୍ୟ ଏଥର ରଥଯାତ୍ରାରେ ଯଥା ସମ୍ଭବ ସେବା ଯୋଗାଇବେ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ସେନେଇ ପର୍ଯ୍ୟାୟ କ୍ରମେ ଅନୁଗୁଳ, ଭୁବନେଶ୍ୱର ଓ ଛତ୍ରପୁରରେ ଆଲୋଚନା କରାଯାଇଛି। ଏହି କ୍ରମରେ ଛତ୍ରପୁରରେ ପଦସ୍ଥ କ୍ୟାଡ଼ର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଏହି ସ୍ୱେଚ୍ଛାସେବୀ ଦଳର ନେତୃତ୍ୱ ନେବେ ତଥା ଓଲିଉଡ କଳାକାର ବିକାଶ ମହାରଣା, ଦୀପା ମହାରଣା, ହାଇକୋର୍ଟ ଓକିଲ ବିଜୟ ଜେନା, ଲସିତ ବରଣ ବେହେରା, ମାଧବ ସାସମଲ, ଅନୁଗୁଳ ସେବା ଦଳର ସମୀର ପ୍ରଧାନ, ସଂଗ୍ରାମ ପ୍ରଧାନ, ଛତ୍ରପୁର ଆଇ.ଆର.ଇରେ କାର୍ଯ୍ୟରତ ଟୁଟୁ ନାୟକ, ମନୋରଞ୍ଜନ ବେହେରା, ସମାଜସେବୀ ମନୋଜ ମିଶ୍ର, ସ୍ୱର୍ଶ ହସ୍ପିଟାଲରେ କାର୍ଯ୍ୟରତ ଡ଼ଃ ପ୍ରିୟବ୍ରତ ଶତପଥୀ ତଥା ଛତ୍ରପୁର ଅଧିଷ୍ଠାତ୍ରୀ ମା' ରାମଚଣ୍ଡୀ ମନ୍ଦିରର ପୂଜା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ(ମହାରାଜ), ଦୁର୍ଗା ପ୍ରସାଦ ପରିଡ଼ା ଓ ଶ୍ରୀତମ ପଟ୍ଟନାୟକ ପ୍ରମୁଖ ଶ୍ରୀ ମିଶ୍ରଙ୍କୁ ଏଥିରେ ସହଯୋଗ କରିବେ ବୋଲି ସୂଚନା ମିଳିଛି।

## ଯୁବକଙ୍କୁ ଆକ୍ରମଣ କରି ୨୭ ହଜାର ଲୁଟ୍

ବ୍ରହ୍ମପୁର,୨୨।୬(ସମିସ): ଜାତୀୟ ରାଜପଥ ପାଶ୍ୱର୍ରେ ଜଣେ ଯୁବକଙ୍କୁ ମାଡ଼ମାରି ତାଙ୍କ ଠାରୁ ୨୭ ହଜାର ଟଙ୍କା ଲୁଟ୍ ହୋଇଛି। ୩ ଜଣ ଦୁର୍ବୃତ୍ତ ଯୁବକଙ୍କୁ ସାହାଯ୍ୟ କରିବାକୁ ଡାକି ନେଇ ଏକ ନିଛାଟିଆ ସ୍ଥାନରେ ମାଡ଼ମାରି ତାଙ୍କ ଠାରୁ ଲୁଟ କରି ଫେରାର ହୋଇ ଯାଇଛନ୍ତି। ସୂଚନାପ୍ରକାରେ, ଗୋପଳପୁର ମଣିବାବା କଲୋନୀର ବିଶ୍ୱଜିତ ଚୌଧୁରୀଙ୍କ ଏକ ବ୍ୟାଗ ହଜି ଯାଇଥିଲା। ଉକ୍ତ ବ୍ୟାଗକୁ ଖୋଜିବାକୁ ଯାଇ ବିଶ୍ୱଜିତ ଗୋପାଳପୁର ଓଭରବ୍ରିଜ ଠାରେ ପହଞ୍ଚିବା ବେଳେ ସେଠାରେ ପୂର୍ବରୁ ସ୍କୁଟି ଧରି ଉପସ୍ଥିତ ଥିବା ୩ ଜଣ ଦୁର୍ବୃତ୍ତଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା। ଯୁବକମାନେ ବିଶ୍ୱଜିତଙ୍କ ହଜିଯାଇଥିବା ବ୍ୟାଗ ସମ୍ପର୍କରେ ଜାଣିଥିବା କହିଥିଲେ। ଜଣେ ବ୍ୟକ୍ତି ଉକ୍ତ ବ୍ୟାଗକୁ ନେଇଥିବା ବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ଠିକଣା ସେମାନେ ଜାଣିଥିବା ବିଶ୍ୱଜିତଙ୍କୁ କହିଥିଲେ। ବିଶ୍ୱଜିତଙ୍କୁ ଆଙ୍କୁଲି ଓଭରବ୍ରିଜ ନିକଟ ପେଟ୍ରୋଲ ପମ୍ପ ପାଖ ଗଳିକୁ ଡାକି ନେଇଥିଲେ। ସେଠାରେ ବିଶ୍ୱଜିତଙ୍କୁ ଛୁରୀ ଦେଖାଇ ତାଙ୍କ ଠାରୁ ନଗଦ ଟଙ୍କା ଓ ମୋବାଇଲ ଦେବାକୁ ଧମକ ଦେଇଥିଲେ। ବିଶ୍ୱଜିତ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମାଡ ମାରି ୨୭ ହଜାର ଟଙ୍କା ସହ ଦାମୀ ମୋବାଇଲ ଛଡାଇ ନେଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ବିଶ୍ୱଜିତ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମା'ଙ୍କୁ ପନିକିରେ ଆକ୍ରମଣ କରି ଝିଅ ଗିରଫ

ବ୍ରହ୍ମପୁର,୨୨।୬(ସମିସ): ମା'କୁ ପନିକିରେ ଆକ୍ରମଣ ଅଭିଯୋଗରେ ପୁଲିସ ଝିଅକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଚତୁର୍ଭୁଜ ଧର୍ମଶାଳା ନିକଟସ୍ଥ ମଥୁରାନଗର ପ୍ରଥମ ଲାଇନ୍ ନିବାସୀ ଦିବାକର ତ୍ରିପାଠୀଙ୍କ ଝିଅ ବର୍ଷାରାଣୀ ତ୍ରିପାଠୀ(୨୦)। ପୁଲିସ ଘଟଣା ସ୍ଥଳରୁ ପନିକି ଜବତ କରିଛି। ସୂଚନାଯୋଗ୍ୟ ଯେ, ଦିବାକର ନିଜ ପତ୍ନୀ ଓ ଝିଅ ବର୍ଷାଙ୍କ ସହିତ ଉକ୍ତ ସାହିରେ ରୁହନ୍ତି। ବର୍ଷା ସବୁବେଳେ ନିଜ ମା'ଙ୍କୁ ମାରପିଟ କରେ। ଗତ ୨୦ତାରିଖ ପୂର୍ବାହ୍ନରେ ହଠାତ କୌଣସି କାରଣରୁ ଏକ ଧାରୁଆ ପନିକିରେ ଆକ୍ରମଣ କରିବାରୁ ମା' ଆହତ ହୋଇଥିଲେ। ଘଟଣାକୁ ନେଇ ବର୍ଷାଙ୍କ ବାପା ଦିବାକର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ବର୍ଷାଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସସ୍ମିତା ବେହେରା ସୂଚନା ଦେଇଛନ୍ତି।

### ବିକାଶ ମେଳାକୁ ବିତିଲାଣି ୪ ଦିନ

# ବିପର୍ଯ୍ୟସ୍ତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ

ବ୍ରହ୍ମପୁର,୨୨।୬(ସମିସ)



ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଏକ ସପ୍ତାହ ଧରି ଚାଲିଥିବା ବିକାଶ ମେଳା ଶେଷ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟସ୍ତରୀୟ ବିକାଶ ମେଳା ଓ ଜାତୀୟ ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯାଇଥିଲା। ଗତ ୧୨ତାରିଖ ଠାରୁ ୧୮ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ଆୟୋଜିତ ହୋଇଥିବା ଏହି ମେଳା ପାଇଁ ସପ୍ତାହ ପୂର୍ବରୁ ଅର୍ଥାତ୍ ଗତ ୫ ତାରିଖ ଠାରୁ ଖେଳପଡ଼ିଆକୁ କବ୍‌ଜାକୁ ନେଇଥିଲା ପ୍ରଶାସନ। ଗତ ୧୮ତାରିଖରେ ମେଳା ଉଦ୍‌ଯାପିତ ହୋଇସାରିଛି। ତେବେ ମେଳା ଶେଷ ହେବାର ଦୀର୍ଘ ୪ ଦିନ ବିତିଯାଇଥିଲେ ହେଁ ଖେଳପଡିଆ ମୁକ୍ତ ହୋଇପାରି ନାହିଁ। ପଡିଆର ଅଧିକାଂଶ ଅଞ୍ଚଳରେ ଏବେ ପର୍ଯ୍ୟନ୍ତ ଟେଣ୍ଟ ପଡି ରହିଛି। ଯାହାଫଳରେ ବିସ୍ତୀର୍ଣ୍ଣ ଖେଳପଡ଼ିଆକୁ କେହି ବ୍ୟବହାର କରିପାରୁନାହାନ୍ତି। ସହରରେ ଖେଳପଡ଼ିଆର ଘୋର ଅଭାବକୁ ଦୃଷ୍ଟିରେ ରଖି ତଥା କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ ଦୃଷ୍ଟିରୁ ଖେଳ ପଡ଼ିଆକୁ ଖେଳ ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର ନକରିବା ନେଇ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

- **ଚାରିଆଡ଼େ ଆବର୍ଜନା; କେବେ ହଟିବ ଚିନ୍ତାରେ ସହରବାସୀ**
- **ବରିଷ୍ଠ ନାଗରିକ, ଯୁବବର୍ଗ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ କୁହୁଳୁଛି ଅସନ୍ତୋଷ**

ନିଆଯାଇଥିଲା। ତେବେ ସବୁ ନିଷ୍ପତ୍ତିକୁ ଜଳାଞ୍ଜଳି ଦେଇ ତଥା ପ୍ରଶାସନର ଚାପରେ ପଡି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ଏକ ବ୍ୟବସାୟିକ ମେଳା କରିବାକୁ ଅନୁମତି ଦେଇଥିଲେ। ଯାହାକୁ ନେଇ ସମଗ୍ର ସହରରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ମେଳା ଶେଷ ହେବାର ଦୀର୍ଘ ୪ଦିନ ବିତି ଯାଇଥିଲେ ହେଁ ଖେଳପଡ଼ିଆରୁ ଟେଣ୍ଟ ବାହାରି ନାହିଁ କି ଖେଳପଡ଼ିଆ ଖେଳାଳିଙ୍କ ପାଇଁ ବ୍ୟବହାର ଯୋଗ୍ୟ ହୋଇପାରିନାହିଁ। ଏଭଳି ପରିସ୍ଥିତିରେ ଖେଳପଡିଆକୁ ବିଭିନ୍ନ ସ୍ଥାନରେ ଖୋଳି ଦିଆଯାଇଥିବା ସହ ଅନେକ ସ୍ଥାନରେ ଦୂଷିତ ଜଳ ଗଚ୍ଛିତ ରହି ପରିବେଶ ନଷ୍ଟ ହୋଇଛି। ଟେଣ୍ଟ ବାହାରି ନଥିବା ଫଳରେ ଖେଳାଳିମାନେ ବାଧ ହୋଇ ଟେଣ୍ଟ ଭିତରେ ବିଭିନ୍ନ ଖେଳ ଖେଳୁଥିବା ବେଳେ ଅନ୍ୟମାନେ ଯୋଗାଭ୍ୟାସ କରୁଥିବା ଦେଖିବାକୁ ମିଳିଛି। ସେପଟେ ସମଗ୍ର ପଡ଼ିଆରେ ଟେଣ୍ଟ ମରାଯାଇଥିବାରୁ ପଡ଼ିଆର ବିଭିନ୍ନ ସ୍ଥାନରେ ଲୁହା କଣ୍ଟା ପଡିଥିବାରୁ ପ୍ରାତଃ ଭ୍ରମଣରେ ଆସୁଥିବା ବିଭିନ୍ନ ବର୍ଗର ଲୋକଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ଖେଳପଡ଼ିଆରୁ ଟେଣ୍ଟ ଓ ଅଳିଆ ଆବର୍ଜନା ସମ୍ପୂର୍ଣ୍ଣ ଭାବେ କେବେ ଉଠିବ ତାକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ। ସେହିଭଳି ମେଳାକୁ ଆସିଥିବା ବିଭିନ୍ନ ଷ୍ଟଲର ଲୋକଙ୍କ ପାଇଁ ପଡ଼ିଆ ମଧ୍ୟରେ ନିର୍ମାଣ ହୋଇଥିବା ବରପାଲି ବା ପାଇଖାନା ଗୁଡିକୁ ଯେଉଁଭଳି ଭାବେ ତଥା ତରବରିଆ ଭାବେ ପୋତା ଯାଇଛି ତାକୁ ନେଇ ମଧ୍ୟ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ତୁରନ୍ତ ଖେଳପଡ଼ିଆର ପରିବେଶକୁ ସ୍ୱାଭାବିକ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ସେପଟେ ଖେଳପଡ଼ିଆକୁ ଖୁବ୍‌ଶୀଘ୍ର ଟେଣ୍ଟ ମୁକ୍ତ କରାଯିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ବିଶ୍ୱବିଦ୍ୟାଳୟର କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ।

## ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ଆନ୍ଦୋଳନ ଚେତାବନୀ

ବ୍ରହ୍ମପୁର,୨୨।୬(ସମିସ)



ସ୍ଥାନୀୟ ଗଞ୍ଜାମ କଳାପରିଷଦରେ ରବିବାର ଓଡ଼ିଶା ସରକାରୀ ଆଉଟସୋର୍ସି କର୍ମଚାରୀ ମହାସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଠିକା

**ପୂର୍ବ ସରକାରଙ୍କ ନିଷ୍ପତି କାର୍ଯ୍ୟକାରୀ ନହେବାରୁ ବହୁ କର୍ମଚାରୀ ଅସୁବିଧାରେ**

ସଂସ୍ଥା ଜରିଆରେ କାର୍ଯ୍ୟରତ ଲକ୍ଷାଧିକ ଆଉଟସୋର୍ସି କର୍ମଚାରୀଙ୍କୁ ସରକାର ଅବହେଳା ପ୍ରଦର୍ଶନ କରୁଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ପୂର୍ବ ସରକାର ଅମଳରେ ଆଉଟସୋର୍ସି କର୍ମଚାରୀଙ୍କ ସୁବିଧା ନିମନ୍ତେ ଯେଉଁ ସବୁ ନିଷ୍ପତି ନିଆଯାଇଥିଲା। ତାହାକୁ ବର୍ତ୍ତମାନର ବିଜେପି ସରକାର କାର୍ଯ୍ୟକାରୀ କରୁନଥିବା ସଂଘ ଅଭିଯୋଗ କରିଛି। ଏପରିକି ବର୍ତ୍ତମାନ ବିଭିନ୍ନ ବିଭାଗରେ ନିୟୋଜିତ ଆଉଟସୋର୍ସି କର୍ମଚାରୀଙ୍କୁ ଛଟେଇ ପ୍ରକ୍ରିୟା ଜାରି ରହିଛି। ସେହିପରି ପୂର୍ବ ସରକାର ଘୋଷଣା କରିଥିବା ଶତକଡା ୨୫ପ୍ରତିଶତ ଦରମା ବୃଦ୍ଧି, ବାର୍ଷିକ ୧୨ଟି ଛୁଟି ପ୍ରଦାନ, ମହିଳା କର୍ମଚାରୀଙ୍କ ମାତୃତ୍ୱ ଛୁଟି ଓ ପ୍ରତି ୫ବର୍ଷ ଅଭିଜ୍ଞତା ଆଧାରରେ ଏକ ହଜାର ଟଙ୍କା ପ୍ରଦାନ ସମେତ ବିଭିନ୍ନ ସୁବିଧାକୁ ଲାଗୁ କରିବାକୁ ଦାବି କରାଯାଇଛି। ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ସରକାର ସଂଘର ଦାବି ପୂରଣ ନକଲେ ରାଜ୍ୟବ୍ୟାପୀ ସବୁ ଜିଲ୍ଲାରେ ଆଉଟସୋର୍ସି କର୍ମଚାରୀମାନେ ଆନ୍ଦୋଳନକୁ ଓଲହ୍ଲାଇବାକୁ ବାଧ ହେବେ ବୋଲି ମହାସଂଘର ନେତା ବିଜୟ କୁମାର ମଲ୍ଲିକ ଚେତାବନୀ ଦେଇଛନ୍ତି।

ସାମ୍ବାଦିକ ସମ୍ମିଳନୀର ମହାସଂଘର ଆବାହକ ପ୍ରତାପ ପ୍ରଧାନ, ଜିଲ୍ଲା ସଭାପତି ବିଜୟ କୁମାର ମଲ୍ଲିକ, ଆଦର୍ଶ ବିଦ୍ୟାଳୟ କର୍ମଚାରୀ ରାଜ୍ୟ ନେତା ପ୍ରଶାନ୍ତ ପରିଚ୍ଛା, ବିନାୟକ ପତି, ସଫେଇ କର୍ମଚାରୀ ନେତା ଉତ୍ତମ ନାୟକ, ସାଙ୍ଗଠନିକ ସମ୍ପାଦକ ସୁନୀଲ କୁମାର ଦାସ, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ନେତା ହିମାଂଶୁ ପଟ୍ଟନାୟକ, ବିଚିତ୍ର ସାହୁ, ନମିତା ନାୟକ, ପୂଜା ନାୟକ, ପ୍ରେମାନନ୍ଦ ସାହୁ ଓ ରାହୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମ୍ୟୁନିସିପାଲ୍ ବ୍ୟାୟାମ କେନ୍ଦ୍ର ନୂତନ କୋଠା ପାଇଁ ଶିଳାନ୍ୟାସ

ବ୍ରହ୍ମପୁର, ୨୨।୬ (ସମିସ)



ସ୍ଥାନୀୟ ମ୍ୟୁନିସିପାଲ ବ୍ୟାୟମ କେନ୍ଦ୍ରର ନୂତନ କୋଠା ନିର୍ମାଣ ପାଇଁ ରବିବାର ଶିଳାନ୍ୟାସ କରାଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଓ ମେୟର ସଂଘମିତ୍ରା ଦଳେଇ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଭୂମି ପୂଜନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅନ୍ୟତମ ଅତିଥି ଭାବେ ଡ଼େପୁଟି ମେୟର ଇ. ବିବେକ ରେଡ୍ଡୀ, ଅର୍ବାନ କୋଅପରେଟିଭ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ ଓ ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମପୁର ବିଧାୟକଙ୍କ ହାତପାଣ୍ଠିରୁ ୨୦ଲକ୍ଷ ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ହାତପାଣ୍ଠିରୁ ୧୦ଲକ୍ଷ ଟଙ୍କା ଏହିଭଳି ମୋଟ ୩୦ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ କୋଠା ନିର୍ମାଣ ହେବ। ମ୍ୟୁନିସିପାଲ ଜିମ୍ନାସିୟମ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଧାୟକ କେ. ଅନୀଲ କୁମାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିମ୍‌ର ସମ୍ପାଦକ ଗଙ୍ଗାଧର ପାତ୍ର, ଉପସଭାପତି ତଥା ସ୍ଥାନୀୟ କର୍ପୋରେଟର ପ୍ରଦୀପ କୁମାର ଶତପଥି, ସହ ସମ୍ପାଦକ ତଥା ଆନ୍ତର୍ଜାତୀୟ ବିଚାରକ ଉମାଚରଣ ଶତପଥୀ, ବରିଷ୍ଠ ସଦସ୍ୟ ଉଜ୍ୱଳ ଚନ୍ଦ୍ର ପାଢ଼ୀ, ଜାତୀୟ ବିଚାରକ ସୋମନାଥ ନନ୍ଦ ଓ ସୁଧିର କୁମାର ଦାସଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

## ଗୃହରକ୍ଷୀ ପରୀକ୍ଷା ଘୁଞ୍ଚିଲା

ବ୍ରହ୍ମପୁର,୨୨।୬(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପାଇଁ ୨୨ତାରିଖରେ ହେବାକୁଥିବା ଲିଖିତ ପରୀକ୍ଷାକୁ କୌଣସି କାରଣ ବଶତଃ ଘୁଞ୍ଚାଇ ଦିଆଯାଇଛି। ରବିବାର ଏହି ପରୀକ୍ଷା ଆୟୋଜନ ପାଇଁ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଥିଲା। ତେବେ କୌଣସି କାରଣରୁ ତାହାକୁ ସ୍ଥଗିତ ରଖାଯାଇଥିବା ଜଣାପଡିଛି। ଆସନ୍ତା ଜୁଲାଇ ୬ ତାରିଖରେ ଏହି ପରୀକ୍ଷା ହେବ ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପୁଲିସ ଜିଲ୍ଲା ପାଇଁ ମୋଟ ୧୦୫ଟି ଗୃହରକ୍ଷୀ ପଦବୀ ଖାଲିଥିବା ବେଳେ ୪୦୯୭ଜଣ ଆଶାୟୀ ଆବେଦନ କରିଛନ୍ତି। ଏଥିପାଇଁ ବ୍ରହ୍ମପୁର ସମେତ ଚିକିଟି, ଦିଗପହଣ୍ଡି ଓ ଗୋପାଳପୁରରେ ମୋଟ ୮ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା।

## ପଦ୍ମଶ୍ରୀ ଡାକ୍ତର କେ.ଏମ୍. ପାଠୀଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୨୨।୬(ସମିସ): ରବିବାର ଲିଙ୍ଗରାଜ ନଗର ସ୍ଥିତ ନିଜ ବାସଭବନରେ ପଦ୍ମଶ୍ରୀ ଡା. କୃଷ୍ଣମୋହନ ପାଠୀଙ୍କ ପକ୍ଷରୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ କେ. ଅନିଲ କୁମାର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିରେ ଓଷ୍ଟିଓପୋରୋସିସ (ଛିଦ୍ରମୟ ଅସ୍ଥି) ସ୍ୱାସ୍ଥ୍ୟ ପରୀକ୍ଷା ସହିତ ୟୁରିକ୍ ଏସିଡ, ସ୍ନାୟୁ ଦୌର୍ବଲ୍ୟତା ଭଳି ବିଭିନ୍ନ ପରୀକ୍ଷା କରାଯିବା ସହ ଉପଯୁକ୍ତ ଡାକ୍ତରୀ ପରାମର୍ଶ



ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଶିକ୍ଷାବିତ ଡ. ବିଷ୍ଣୁ ଚୌଧୁରୀ, ସ୍ୱନାମଧନ୍ୟ ଡାକ୍ତର ଇନ୍ଦୁଭୂଷଣ ପଟ୍ଟନାୟକ, ସମାଜସେବୀ ପ୍ରଶାନ୍ତ କୁମାର ମହାପାତ୍ର, ନୀଳମାଧବ ପାତ୍ର ପ୍ରମୁଖ ଶିବିରରେ ଯୋଗଦାନ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେହିପରି ବ୍ରହ୍ମପୁର ତଥା ଅନ୍ୟାନ୍ୟ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ରହି ସେମାନଙ୍କ ବିଭିନ୍ନ ପରୀକ୍ଷା କରିବା ସହ ଡା. ପାଠୀଙ୍କ ଠାରୁ ଡାକ୍ତରୀ ପରାମର୍ଶ ନେଇଥିଲେ। ଇଂ. ବିଭୂ ପ୍ରସାଦ ପାଠୀ ଏହି ସ୍ୱାସ୍ଥ୍ୟ ଶିବିରର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଚନ୍ଦ୍ର ପାଠୀ, ଆଇନଜୀବୀ ଇଂ. ବିଜୟ ଚନ୍ଦ୍ର ମିଶ୍ର, ରମେଶ ଚନ୍ଦ୍ର ପାଣିଗ୍ରାହୀ, ମନୋଜ କୁମାର ପାଣିଗ୍ରାହୀ ଓ ଏ. ରାଜା ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଗିରଫ

ବ୍ରହ୍ମପୁର,୨୨।୬(ସମିସ): ଗୋପାଳପୁର ପୁଲିସ ଶନିବାର ପୋକଡ଼ିବନ୍ଧ ଛକ ନିକଟରେ ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଡ୍ରାଇଭର ଜଣକ କଟକ ଖୁଣ୍ଟୁଣି ଥାନା ଅଂଚଳ ରାଧାକୃଷ୍ଣପୁର ନୂଆସାହିର ବାନାମ୍ବର ମାଝୀ। ସୂଚନା ପ୍ରକାରେ ଶନିବାର ଅପରାହ୍ନ ସାଢେ ୩ଟାରେ ଫୁଲଟା ଗ୍ରାମର ସାହେବ ଶାସମାଲ ଓ ପତ୍ନୀ ପୁଷ୍ପାଞ୍ଜଳି ଭାଟକୁମରଡାକୁ କୌଣସି କାମରେ ଯାଇ ନିଜ ଗ୍ରାମକୁ ସ୍କୁଟିରେ ଫେରୁଥିବାବେଳେ ପୋକଡ଼ିବନ୍ଧ ଛକ ନିକଟରେ କଟକରୁ ଆନ୍ଧ୍ର ଅଭିମୁଖେ ଆସୁଥିବା ମାଲବାହୀ ଟ୍ରକ (ନଂ.ଓଡି୦୫କ୍ୟୁ-୬୩୧୨) ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ପୁଷ୍ପାଞ୍ଜଳିଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ସାହେବ ଗୁରୁତର ହୋଇଥିଲେ। ଘଟଣା ସ୍ଥଳରୁ ଗୋପାଳପୁର ପୁଲିସ ଘଟାଇଥିବା ଟ୍ରକକୁ ଜବତ କରିବା ସହ ଚାଳକ ଓ ହେଲପରଙ୍କୁ କାବୁ କରି ଥାନାରେ ଜେରା କରିଥିଲା। ଘଟଣାକୁ ନେଇ ଶାସମଲ ଦମ୍ପତିଙ୍କ ପୁତୁରା ପୂର୍ଣ୍ଣ ଚନ୍ଦ୍ର ଶାସମଲ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା (ନଂ.୧୯୭/୨୫) ରୁଜୁ କରି ସତ୍ୟାସତ୍ୟ ଜାଣିବା ପରେ ଟ୍ରକ୍ ଡ୍ରାଇଭର ବାନାମ୍ବରକୁ କୋର୍ଟଚାଲାଣ କରିଥିବା ଜଣାପଡିଛି।

## ଫାର୍ମା ହେଲ୍‌ଫିଂ ହ୍ୟାଣ୍ଡ ପକ୍ଷରୁ ଦିନିକିଆ କର୍ମଶାଳା



ବ୍ରହ୍ମପୁର,୨୨।୬(ସମିସ): ସ୍ଥାନୀୟ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଫାର୍ମା ହେଲଫିଂ ହ୍ୟାଣ୍ଡ ପକ୍ଷରୁ ରବିବାର ଜିଲ୍ଲାସ୍ତରୀୟ ଦିନିକିଆ ଫାର୍ମା କର୍ମଶାଳା ତଥା ଫର୍ମାକନ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉଦଘାଟକ ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡ. ବି ଭି ଭି ରବିକୁମାର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡା. ସୁନୀଲ କୋଟା, ସମ୍ମାନିତ ଅତିଥି ଭାବେ ଡ. ଭଗବାନ ବିଶ୍ୱାଳ, ଡ. ନିରଞ୍ଜନ ପାତ୍ର ଓ ରବୀନ୍ଦ୍ରନାଥ ପ୍ରଧାନ ଯୋଗ ଦେଇଥିଲେ। ଫାର୍ମା ଡିଗ୍ରୀ ହାସଲ ପରେ ଛାତ୍ରଛାତ୍ରୀଙ୍କ ରୋଜଗାର ସୁଯୋଗ ଓ ଦକ୍ଷତା ଉପରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଡା. କରୁଣାକର ପ୍ରଧାନଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜୀବନ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ସହ ଓଡିଶା ଫାର୍ମାସିଷ୍ଟ ପରୀକ୍ଷା ଓ ଅନ୍ୟାନ୍ୟ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯର୍‌ୟକ୍ରମରେ ଫାର୍ମାସି ଛାତ୍ରଛାତ୍ରୀ ଓ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଏମକେସିଜି ଫାର୍ମାସି ଅଫିସର ସଂଘର ସଭାପତି ସୀମାଞ୍ଚଳ ସାହୁ ପରିଚାଳନା କରିଥିଲେ। ଶେଷରେ ଏମ୍‌କେସିଜି ମେଡ଼ିକାଲର ଫାର୍ମାସି ଅଫିସର ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲ। ଅନ୍ୟମାନଙ୍କ ମଧ୍ୟରେ ଫାର୍ମା ହେଲଫିଂ ହ୍ୟାଣ୍ଡର ସଦସ୍ୟ ସଚିନ ଗୌଡ଼, କାହ୍ନା ଜେନା, ରଶ୍ମିରଞ୍ଜନ ସାହୁ, ଶଶାଙ୍କ ଶେଖର ପଣ୍ଡା, ବିଭୂଦତ୍ତ ମହାପାତ୍ର, ଶୁଭମ୍ କୁମାର ଗୌଡ଼, ସୌମ୍ୟ ରଞ୍ଜନ ସାହୁ, ଚିତ୍ତରଞ୍ଜନ ସାହୁ ଓ ନମନ ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ ଆଜି

# ବାରମ୍ବାର ଗସ୍ତ ସତ୍ତ୍ୱେ ବଦଳୁନି ଆଇନଶୃଙ୍ଖଳା ସ୍ଥିତି

ବ୍ରହ୍ମପୁର,୨୨।୬(ସମିସ)

- **ଆସିକାରେ ଯୁବଶକ୍ତି ସମାବେଶରେ ଯୋଗଦେବେ**
- **ଉଭୟ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ**

କ୍ଷମତାସୀନ ହେବା ପରଠାରୁ ଗଞ୍ଜାମ ଜିଲ୍ଲାକୁ ବାରମ୍ବାର ଗସ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ଗଞ୍ଜାମ ଜିଲ୍ଲାର ଆସିକା ନିର୍ବାଚନମଣ୍ଡଳୀକୁ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ। ଏଥିପାଇଁ ଉଭୟ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୋମବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଆସିକା ସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଖେଳପଡ଼ିଆରେ ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବ ଶକ୍ତି ସମାବେଶରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେବେ ଗଞ୍ଜାମ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ଗସ୍ତ ହେଉଥିଲେ ହେଁ ଜିଲ୍ଲାର ଆଇନଶୃଙ୍ଖଳା ସ୍ଥିତିରେ କୌଣସି ପରିବର୍ତ୍ତନ ଆସୁନଥିବା ପରିଲକ୍ଷିତ ହୋଇଛି। ନିୟମିତ ବ୍ୟବଧାନରେ ହତ୍ୟା ଓ ହତ୍ୟା ଉଦ୍ୟମ ଭଳି ଘଟଣା ଘଟିବା ସହିତ କ୍ରମାଗତ ଭାବେ ଗଣଦୁଷ୍କର୍ମ ଭଳି ଘଟଣା ନଜରକୁ ଆସିଛି। ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ମାସକ ମଧ୍ୟରେ ଦୁଇ ଦୁଇଟି ଗଣଧର୍ଷଣ ଘଟଣା ସବୁସୀମା ପାର କରିଦେଇଛି। ଜିଲ୍ଲାରେ ମହିଳା ଅସୁରକ୍ଷିତ ଥିବା ବେଳେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ରାଜ୍ୟ ସରକାର ରେଡଫ୍ଲାଗ ବର୍ଗକୁ ନେଇଥିବା ସହ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ମାର୍କଣ୍ଡିରେ ଦୁଇ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାକୁ ହାଲୁକା ଭାବେ ନେଇଥିବା ସମଗ୍ର ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ଏଭଳି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ ଓ ଏନେଇ ତାଙ୍କର ବିବୃତ୍ତିକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ସେପଟେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲ୍ଲା ଗସ୍ତକୁ ନେଇ ଉଭୟ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଜଣାପଡିଛି। ନିକଟରେ ହିଞ୍ଜିଳି ଠାରେ କଂଗ୍ରେସ ପକ୍ଷରୁ ଯୁବ ସମାବେଶର ଆୟୋଜନ ହୋଇଥିବା ବେଳେ ଏହାକୁ କାଉଣ୍ଟର କରିବାକୁ ବିଜେପି ପକ୍ଷରୁ ଆସିକା ଠାରେ ଯୁବ ଶକ୍ତି ସମାବେଶର ଆୟୋଜନ କରାଯାଉଥିବା ଆଲୋଚନା ହେଉଛି। ତେବେ ଏହି ସମାବେଶ ଜରିଆରେ ବିଜେପିକୁ କେତେ ସମର୍ଥନ ମିଳୁଛି ଓ କେତେ ସମାଗମ ହେଉଛି ତାହା ଉପରେ ସବୁ ରାଜନୈତିକ ଦଳର ରହିଛି ନଜର। ଏହି ସମାବେଶରେ ଉଚ୍ଚଶିକ୍ଷା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସମେତ ଖଣି ଓ ଇସ୍ପାତ ତଥା ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଜେନା ଓ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ଆକ୍ରମଣକାରୀଙ୍କୁ କାବୁବେଳେ କନେଷ୍ଟବଲ ଆହତ ଘଟଣା; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୨।୬(ସମିସ)

କନେଷ୍ଟବଲ ବିଜୟ କୁମାର ମହାପାତ୍ର ଆହତ ଘଟଣାରେ ବୈଦ୍ୟନାଥପୁର ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଡ଼ଖେମୁଣ୍ଡି ସାହି ନିକଟସ୍ଥ ବାଢେଇ ସାହିର ଗଣେଶ ଚନ୍ଦ୍ର ପଟ୍ଟନାୟକ (୩୨)। ସୂଚନାଯୋଗ୍ୟ ଯେ, ବଡ଼ଖେମୁଣ୍ଡି ସାହି ନିକଟସ୍ଥ ବଢେଇ ସାହିର ଅନୀଲ ପଟ୍ଟନାୟକ(୩୯) ଓ ତାଙ୍କ ସାନଭାଇ ଗଣେଶ ଚନ୍ଦ୍ର ପଟ୍ଟନାୟକଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଗତ ୨୦ତାରିଖ ଅପରାହ୍ନରେ ଗଣେଶ ଏକ ଧାରୁଆ ଅସ୍ତ୍ର ଧରି ଅନୀଲଙ୍କୁ ମାରିବାକୁ ଗୋଡ଼ାଇଥିଲେ। ଅନୀଲ ୧୧୨କୁ କଲ୍ କରିବାରୁ ପିସିଆର ଭ୍ୟାନ ସହିତ ପୁଲିସ କର୍ମଚାରୀମାନେ ପହଞ୍ଚିଥିଲେ। ପୁଲିସ ଉପସ୍ଥିତିରେ ଗଣେଶ ଏକ ଧାରୁଆ ଅସ୍ତ୍ରରେ ନିଜ ଭାଇ ଅନୀଲଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କଲାବେଳେ କନେଷ୍ଟବଲ ବିଜୟ ମହାପାତ୍ର ଦୌଡି ଯାଇ ଗଣେଶଙ୍କ ହାତରୁ ମାରଣାସ୍ତ୍ର ଛଡ଼ାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ମାରଣାସ୍ତ୍ରଟି କନେଷ୍ଟବଲ ବିଜୟଙ୍କ ହାତରେ ବାଜି ସେ ଆହତ ହୋଇଥିଲେ। ଘଟଣାକୁ ନେଇ ୧୧୨ ପିସିଆର ଭ୍ୟାନର ଡ୍ରାଇଭର ସୁଦାମ ନାହାକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଗଣେଶଙ୍କୁ ଗିରଫ କୋର୍ଟଚାଲାଣ କରିଛି।

## କନ୍ଧମାଳରେ ଏଆଇସିସି ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍

# 'ସଂସଦରେ ଉଠିବ ଟିକାବାଲି ଦୁଷ୍କର୍ମ ଓ ହତ୍ୟା ଘଟଣା'

ଫୁଲବାଣୀ/ଟିକାବାଲି,୨୨।୬(ସମିସ)



## ପୀଡ଼ିତାଙ୍କ ପରିବାରକୁ ଭେଟିଲେ; ଜିଲ୍ଲାପାଳ, ଏସ୍‌ପିଙ୍କ ସହ ଆଲୋଚନା

ରାଜ୍ୟର ବିଭିନ୍ନ ସ୍ଥାନରେ ବଳାତ୍କାର ଓ ନାରୀ ନିର୍ଯାତନା ବଢୁଛି। ଘଟଣାର ତଥ୍ୟାନୁସନ୍ଧାନ ପାଇଁ ଏଆଇସିସିର ଏକ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସିଛନ୍ତି। ରବିବାର ଏହି ଟିମ୍ ଟିକାବାଲି ଗସ୍ତ କରି ଗତ ମାର୍ଚ୍ଚ ମାସରେ ଗଣ ଦୁଷ୍କର୍ମ ଓ ହତ୍ୟାର ଶୀକାର ହୋଇଥିବା ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ପୁଲିସର ତଦନ୍ତ ପ୍ରକ୍ରିୟା ନେଇ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହିତ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରିଛନ୍ତି। ପରେ ଫୁଲବାଣୀ ଆସି ସର୍କିଟ ହାଉସ୍ ଠାରେ ଏହି ଟିମ୍ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ରତୁରାଜ ଏବଂ ଏସ୍‌ପି ହରିଶ ବିଶିଙ୍କ ସହିତ ଘଟଣା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲ୍ଲାରେ ଲଗାତାର ନାରୀ ନିର୍ଯାତନା, ବଳାତ୍କାର ଓ ହତ୍ୟା ଘଟଣା ବୃଦ୍ଧି ପାଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ କଂଗ୍ରେସ ମହିଳା ପ୍ରତିନିଧି ଦଳ। ପରେ ଗଣମାଧ୍ୟମ ଆଗରେ ନିଜ ପ୍ରତିକ୍ରିୟା ରଖି ରାଜ୍ୟସଭା ସାଂସଦ ରଞ୍ଜିତ ରଞ୍ଜନ ଓଡ଼ିଶାରେ ମହିଳା ଚାଲାଣ, ମାନବ ଅଙ୍ଗ ବିକ୍ରି ରାକେଟ ଓ ଦୁଷ୍କର୍ମ ଭଳି ଘଟଣା ବଢୁଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତ୍ରୀ ଦୀପା ଦାସ ମୁନସୀଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳରେ ବରିଷ୍ଠ ସାଂସଦ ପ୍ରଣତୀ ସିନ୍ଦେ, ଶୋଭା ଓଝା ଓ ଏସ୍ ଜ୍ୟୋତିମଣୀ ସାମିଲ ଅଛନ୍ତି। ଗସ୍ତର ସୁବିସ୍ତୃତ ବିବରଣି ରାଷ୍ଟ୍ରୀୟ କଂଗ୍ରେସ ସଭାପତିଙ୍କୁ ପ୍ରଦାନ କରାଯିବା ସହିତ ଏ ବିଷୟ ସଂସଦରେ ଉପସ୍ଥାପନ କରାଯିବ ବୋଲି କହିଛନ୍ତି ପ୍ରତିନିଧି ଦଳ। ଏହି ଗସ୍ତ ସମୟରେ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡା, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଜି .ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସାଂସଦ ପ୍ରାର୍ଥୀ ଅମୀରଚାନ୍ଦ ନାୟକ, ପୂର୍ବତନ ଜିଲ୍ଲା ସଭାପତି ଅନାମ ନାୟକ, ସ୍ଥାନୀୟ ଯୁବନେତା ପ୍ରତାପ ପ୍ରଧାନ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଏଆଇସିସି ସମ୍ପାଦିକା ସସ୍ମିତା ବେହେରାଙ୍କ ସମେତ ମହିଳା କଂଗ୍ରେସ ଓ ଜିଲ୍ଲା କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମାତିଲେ ଦୁର୍ବୃତ୍ତ; ୨ ଘରୁ ଅଳଙ୍କାର, ଟଙ୍କା ଲୁଟ୍

**ରଙ୍ଗେଇଲୁଣ୍ଡା,୨୨।୬(ସମିସ):** ପୁଣି ଗୋଳନ୍ଥରା ଥାନା ଅଞ୍ଚଳରେ ମାତିଛନ୍ତି ଚୋର। ଶନିବାର ରାତିରେ ଏହି ଥାନା ଅଧିନସ୍ଥ ପାଲୁର ଗ୍ରାମର ଦୁଇଟି ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଏନେଇ ଆଜି ଥାନାରେ ଅଭିଯୋଗ ହୋଇଛି। ପାଲୁର ଗ୍ରାମର ପି. ପ୍ରକାଶ ସବୁଦିନ ପରି ଶନିବାର ରାତିରେ ଖାଇ ସାରି ପରିବାର ସହ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘର ପଛପଟ କବାଟ ତାଡ଼ି ୫ ହଜାର ଟଙ୍କା, ୩୦ ତୋଳା ରୁପା ଅଳଙ୍କାର ସହ ସ୍ତ୍ରୀଙ୍କ ବେକରେ ଥିବା ସୁନା ଚେନ୍ ଓ କାନର ସୁନା କାଟି ନେଉଥିବା ବେଳେ ମହିଳା ଜଣକ ପାଟି କରିଥିଲେ। ଫଳରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ପି. ପ୍ରକାଶ ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଚଳାଇଛି। ସେହିପରି ଏହି ଗ୍ରାମର ପି. ନୀଳାମଣିଙ୍କ ଘରେ କେହି ନଥିବାରୁ ସେ ପଡ଼ୋଶୀ ଘରକୁ ଯାଇ ଶୋଇ ପଡ଼ିଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କ ଦାଣ୍ଡ କବାଟ ତାଡ଼ି ଘର ଭିତରେ ପଶି ୧୦ ତୋଳା ରୁପା ଅଳଙ୍କାର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇ ଯାଇଛନ୍ତି। ସକାଳୁ ନୀଳାମଣି ଘରକୁ ଯିବାବେଳେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ସୂଚନା ମିଳିଛି।

## ଅନୁକମ୍ପାମୂଳକ ନିଯୁକ୍ତି ଦାବିରେ ଗୃହରକ୍ଷୀ ପରୀକ୍ଷା ବର୍ଜନ

**ଫୁଲବାଣୀ,୨୨।୬(ସମିସ):** ରବିବାର ଗୃହରକ୍ଷୀ ନିଯୁକ୍ତି ପାଇଁ ପରୀକ୍ଷା ଅନୁଷ୍ଠିତ ହୋଇଛି। ତେବେ ବିଭିନ୍ନ କାରଣରୁ ଛଟେଇ ହୋଇଥିବା ଗୃହରକ୍ଷୀ ଏବଂ ଚାକିରି ସମୟରେ ମୃତ୍ୟୁ ହୋଇଥିବା ଗୃହରକ୍ଷୀଙ୍କ ପରିବାର ସଦସ୍ୟ ଏହି ପରୀକ୍ଷା ବର୍ଜନ କରିଛନ୍ତି। ଅଭିଯୋଗ ଅନୁସାରେ, ପୂର୍ବରୁ ଛଟେଇ ହୋଇଥିବା ଗୃହରକ୍ଷୀ ତଥା ଅନୁକମ୍ପା ମୂଳକ ନିଯୁକ୍ତି ଅପେକ୍ଷାରେ ଥିବା ପୂର୍ବରୁ ମୃତ୍ୟୁବରଣ କରିଥିବା ଗୃହରକ୍ଷୀଙ୍କ ଉତ୍ତରାଧିକାରୀ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଏବଂ ବିଭାଗୀୟ ଡିଜିଙ୍କୁ ଏ ନେଇ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କୁ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଉପରିସ୍ଥ ଅଧିକାରୀଙ୍କ ଠାରୁ ଏ ସମ୍ପର୍କିତ କୌଣସି ଚିଠି ନ ଆସିବାରୁ ସେମାନଙ୍କୁ ଆଜିର ପରୀକ୍ଷା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାର ପ୍ରତିବାଦରେ ସେମାନେ ପରୀକ୍ଷା ବର୍ଜନ କରିଛନ୍ତି। ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହିତ ମୃତକଙ୍କ ପରିବାର ଲୋକଙ୍କୁ ଅନୁକମ୍ପା ମୂଳକ ନିଯୁକ୍ତି ପାଇଁ ଦାବି କରିଛନ୍ତି ଆଦିତ୍ୟ ନାୟକ, ମଧୁମିତା ବଗର୍ତି, ସିଦ୍ଧାନ୍ତ ମଲ୍ଲିକ, ବୀରେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

## ପ୍ରଧାନମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କଲେ ଲକ୍ଷପତି ଦିଦି କୁସୁମ



**ଫିରିଙ୍ଗିଆ,୨୨।୬(ସମିସ):** ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ବବଡଙ୍ଗିଆ ଗାଁର ଲକ୍ଷପତି ଦିଦି କୁସୁମ କହଁରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରସ୍କୃତ କରିଛନ୍ତି। ଏହି ପୁରସ୍କାର ଶନିବାର ଭୁବନେଶ୍ୱର ଯାଇ ସେ ଗ୍ରହଣ କରିଛନ୍ତି। ବବଡଙ୍ଗିଆ ଗାଁ କବିରାଜ କହଁରଙ୍କ ପତ୍ନୀ କୁସୁମ ନିଜ ଅଞ୍ଚଳରେ ଜଣେ ଅଗ୍ରଣୀ କାରିଗର ଏବଂ ଉଦ୍ୟୋଗୀ ଭାବରେ ପରିଚୟ ସୃଷ୍ଟି କରିଛନ୍ତି। କୁସୁମ ବର୍ତ୍ତମାନ କାଠରେ ବିଭିନ୍ନ କଳାକୃତି ନିର୍ମାଣ କରୁଛନ୍ତି ଏବଂ ଏଥିରୁ ପ୍ରାୟ ୪ ଲକ୍ଷ ଟଙ୍କା ରୋଜଗାର କରିଥିବା କହିଛନ୍ତି। ୨ ସନ୍ତାନଙ୍କୁ କଲେଜରେ ଏବଂ ଗୋଟିଏ ସନ୍ତାନକୁ ସ୍କୁଲରେ ଏହି ଟଙ୍କାରେ ପାଠ ପଢ଼ାଇଥିବା କହିଛନ୍ତି। ୬ ଜଣ ମହିଳାଙ୍କୁ କାମ ଯୋଗାଇଥିବା ବେଳେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଢି ଅନ୍ୟ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ନିଜେ ୩ ବଖରା ଘର ମଧ୍ୟ ନିର୍ମାଣ କରିଛନ୍ତି କୁସୁମ। ପ୍ରଧାନମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିବା ତାଙ୍କ ପାଇଁ ଗର୍ବ ଓ ଗୌରବ ର ବିଷୟ ବୋଲି କୁସୁମ କହିଛନ୍ତି।

## ଦୁର୍ଘଟଣାରେ ବାଇକ ଚାଳକ ଗୁରୁତର

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨୨।୬(ସମିସ):** ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ଆଲାଞ୍ଜୁରି ଘାଟିରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ହେଲେ ବ୍ରାହ୍ମଣୀଗାଁ ଥାନା ଝିଞ୍ଜିରିଗୁଡ଼ା ପଞ୍ଚାୟତ କୁଟଲାରୀ ଗାଁ ଗ୍ରାମର ଆଇବ ନହମାଝି (୨୬)। ସେ କୌଣସି ଏକ କାମରେ ନିଜ ଗ୍ରାମରୁ ମାମୁ ଘର ଡ଼ନିଗା ଯାଉଥିଲେ। ଆଲାଞ୍ଜୁରୁ ଘାଟିରେ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରାହ୍ମଣୀଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାର୍ଥମିକ ଚିକିତ୍ସା ପରେ ଗୁରୁତର ହେବାର ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

● ପାରଳାରେ ପୁଣି ଚୋରି

## ସୁନା ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ପାରଳାଖେମୁଣ୍ଡି,୨୨।୬(ସମିସ): ପାରଳାଖେମୁଣ୍ଡିରେ କିଛି ଦିନର ନିରବତା ପରେ ପୁଣି ଚୋରି ହୋଇଛି। ଶନିବାର ମଧ୍ୟରାତ୍ରିରେ ଦୁର୍ବୃତ୍ତ ଆରୋଗ୍ୟ ସାହିରେ ଜଣେ ସୁନା ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଛନ୍ତି। ସୁନା ବ୍ୟବସାୟୀ ଜଣଙ୍କ ମହାରାଷ୍ଟ୍ରର ବୋଲି ଜଣାପଡିଛି। ତାଙ୍କ ନାମ ଉତ୍ତମ ରାଓ। ସେ ପାରଳାଖେମୁଣ୍ଡିରେ ରହି ସୁନା ବ୍ୟବସାୟ କରୁଥିଲେ। ଘରେ ତାଲା ପକାଇ ଗତ କିଛିଦିନ ହେଲା ସେ ମହାରାଷ୍ଟ୍ର ଯାଇଥିବା ବେଳେ ଗତକାଲି ମଧ୍ୟରାତିରେ ଦୁର୍ବୃତ୍ତ ତାଲା ଭାଙ୍ଗି ଘରେ ପଶି ଚୋରି କରିଛନ୍ତି। ଏହି ଚୋରି ଦୃଶ୍ୟକୁ ସେ ମହାରାଷ୍ଟ୍ରରେ ରହି ସିସି କ୍ୟାମେରାରେ ଦେଖିଥିଲେ। ରାତିରେ ହିଁ ସେ ସାହିପଡ଼ିଶା ଲୋକଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ସାହି ପଡିଶା ଲୋକେ ତାଙ୍କ ଘରକୁ ଯିବା ସମୟରେ ଦୁର୍ବୃତ୍ତ ଜଣକ ଚମ୍ପଟ ମାରିଥିଲେ। ତେବେ କେତେ ଜଣ ଆସିଥିଲେ ଏବଂ କେଉଁ କେଉଁ ସାମଗ୍ରୀ ନେଇଛନ୍ତି ତାହା ଘରମାଲିକ ଆସିବା ପରେ ସ୍ପଷ୍ଟ ହେବ। ଏନେଇ ପାରଳାଖେମୁଣ୍ଡି ଆଦର୍ଶଥାନା ପୁଲିସ ଖବର ପାଇବା ପରେ ଘଟଣାସ୍ଥଳକୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍‌କୁ ନେଇ ତଦନ୍ତ କରିଥିବା ଜଣାପଡିଛି।

## ଓଡିଶା ଡ୍ରାଇଭର ମହାସଂଘର ବ୍ଲକସ୍ତରୀୟ ବୈଠକ



**ଫିରିଙ୍ଗିଆ,୨୨।୬(ସମିସ):** ଫିରିଙ୍ଗିଆ ବ୍ଲକ ତଳଦଣ୍ଡିକିଆ ଗାଁର ଗୋଷ୍ଠୀ ଗୃହରେ ଓଡ଼ିଶା ଡ୍ରାଇଭର ମହାସଂଘର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପସଭାପତି ପୁଷ୍ପାଲତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ଆଗାମୀ ୮ ତାରିଖରେ ହେବାକୁ ଥିବା ଆନ୍ଦୋଳନକୁ ନେଇ ବୈଠକରେ ଆଲୋଚନା ଓ ନିଷ୍ପତ୍ତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ଆଲୋକ ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ମିଥୁନ ଦିଗାଲ, ସହସମ୍ପାଦକ ବୁଲୁ ମାଝି, କୋଷାଧ୍ୟକ୍ଷ ବଂଶୀଧର ସାହୁ ଉପସ୍ଥିତ ଥିଲେ। ବୈଠକରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। କାର୍ଯ୍ୟକ୍ରମରେ ସଂଘର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ନୂତନ ବ୍ଲକ ସଭାପତି ଭାବରେ ଅଜିତ ପ୍ରଧାନ ଚୟନ ହୋଇଥିଲେ। ସେହିପରି ଉପସଭାପତି ପୁଷ୍ପଲତା ସାହୁ, ସମ୍ପାଦକ ରମାକାନ୍ତ ହଂସ, ବ୍ଲକସ୍ତରୀୟ ମୁଖ୍ୟ ଆଡ଼ମିନି ଉମାକାନ୍ତ ହଂସ, କୋଷାଧ୍ୟକ୍ଷ ବାପିନା କହଁର ଓ ସହ ସମ୍ପାଦକ ଭାବେ ନିର୍ମଳ ବେହେରା ନିର୍ବାଚିତ ହୋଇଥିବା ଜଣାପଡିଛି।

## ଠାକୁରାଣୀ ଯାତ୍ରା: ସୋମବାର ସ୍ୱମନ୍ଦିର ଫେରିବେ ମା'

**ଜି.ଉଦୟଗିରି,୨୨।୬(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ୧୬ ଦିନଧରି ଚାଲିଥିବା ଠାକୁରାଣୀ ଯାତ୍ରାର ନଗର ପରିକ୍ରମା ଆଜି ଶେଷ ହୋଇଛି। ସୋମବାର ଅସ୍ଥାୟୀ ମଣ୍ଡପରୁ ସ୍ୱମନ୍ଦିର ଫେରିବେ ମା। ଶନିବାର ଶ୍ରୀରାମପଦା ତରଫରୁ ବରଣ କରାଯାଇଥିବା ବେଳେ ରବିବାର ବଡସାହି ତରଫରୁ ବରଣ କରାଯାଇଥିଲା। ବିରାଟ ପଟୁଆରରେ ମା ସେସିବାଲି, ମା ତାରାତାରିଣୀ, ମା କନ୍ଧୁଣୀ ଦେବୀ, ଗ୍ରାମଦେବତୀ ଓ ମା ବରାଳିନୀଙ୍କ ଘଟ ନଗର ପରିକ୍ରମା କରିଥିଲା। ଏହି ଅବସରରେ ସ୍ଥାନୀୟ ଲୋକକଳା ସହିତ ବିଭିନ୍ନ ଜିଲ୍ଲା ଲୋକକଳା ନୃତ୍ୟ ଦଳ ସାମିଲ ହୋଇଥିଲେ। ଶନିବାର, ରବିବାର ଦିନ ଏନଏସି ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଛି। ଅନୁକୂଳ ପାଗ ଯୋଗୁ ମୀନାବଜାରରେ ଲୋକଙ୍କ ଭିଡ ଲାଗି ରହିଥିବା ବେଳେ ବିଭିନ୍ନ ଦୋଳି ମଜା ନେଇଛନ୍ତି କୁନି କୁନି ପିଲାଏ। ଆଜି ଶେଷ ଦିନ ହୋଇଥିବାରୁ ଅସମ୍ଭବ ଭିଡ ଲାଗି ରହିଛି। ଜି.ଉଦୟଗିରିରେ ପ୍ରଥମ ର ପାଇଁ ଆରମ୍ଭ ହୋଇଥିବା ଏହି ଯାତ୍ରା ୭ ତାରିଖରୁ ଆରମ୍ଭ ହୋଇଥିବାବେଳେ ସୋମବାର ଦିନ ଶେଷ ହେବ।

## ତିନି ରଥକୁ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର

**ପାରଳାଖେମୁଣ୍ଡି,୨୨।୬(ସମିସ):** ଉପାନ୍ତ ଶ୍ରୀକ୍ଷେତ୍ର ପାରଳାଖେମୁଣ୍ଡି ରଥଯାତ୍ରା ପାଇଁ ରଥ ନିର୍ମାଣ କାମ ଆଗେଇ ଚାଲିଛି। ବର୍ତ୍ତମାନ ରଙ୍ଗ ଦିଆଯିବା ସହ ଚୂଡ଼ାନ୍ତ ପର୍ଯ୍ୟାୟ ରୂପ ଦେବାକୁ କାରିଗର ନିମଗ୍ନ ରହିଛନ୍ତି। ଯାତ୍ରାକୁ ଆଉ ୫ ଦିନ ଥିବାବେଳେ ମୁଖ୍ୟ ରଥ କାରୀଗରଙ୍କ ସହ ସହକାରୀ କାରୀଗର ତିନିରଥର ନିର୍ମାଣରେ ଲାଗି ପଡିଛନ୍ତି। ସେହିପରି ରଥଯାତ୍ରାର ରାସ୍ତାକୁ ସଜାଇବା ତଥା ଝୋଟି ରଙ୍ଗ ଦେବାପାଇଁ ଶ୍ରମିକ ଲାଗିପଡିଛନ୍ତି। ଯାତ୍ରା କମିଟି ଓ ପ୍ରଶାସନ ପକ୍ଷରୁ ନିର୍ମାଣ କାମର ସମୀକ୍ଷା କରାଯାଉଛି। ତିନି ରଥ କାମ ଜୋରସୋର୍‌ରେ ଚାଲୁ ରହିଥିବା ଓ ରାସ୍ତାରେ ରଙ୍ଗ ଦିଆଯାଉଥିବାକୁ ଦେଖି ବିଶେଷ କରି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଶୃଙ୍ଖଳିତ ଭାବେ ସମସ୍ତ କାର୍ଯ୍ୟ ଚାଲୁ ରହିଛି ବୋଲି ଏନେଇ ରଥଯାତ୍ରା କମିଟି ପକ୍ଷରୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ତିନିରଥ ନିର୍ମାଣ କାମ ସମାପନ ହେବ ବୋଲି କୁହାଯାଇଛି।

ରାତି ଅଧରେ ମାଡ଼ିଗଲା ଟ୍ରକ

## ଜାତୀୟ ରାଜପଥରେ ଶୋଇଥିବା ୧୪ ଗାଈ ମୃତ

**ବ୍ରହ୍ମପୁର,୨୨।୬(ସମିସ):** ଖଜୁରିଆ ବାଇପାସ୍ ନିକଟ ଜାତୀୟ ରାଜପଥ-୧୬ ଉପରେ ଶୋଇଥିବା ଗୋରୁପଲ ଉପରେ ଟ୍ରକ୍ ମାଡ଼ିଯାଇଛି। ରାତି ଅଧରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୧୪ ଗାଈଙ୍କ ମୃତ୍ୟୁ ହୋଇଛି। ସେହିପରି ଆଉ ୨ ଟି ଗାଈ ଗୁରୁତର ହୋଇଛନ୍ତି। ବଡ଼କଥା ହେଲା ଏହି ଦୁର୍ଘଟଣା ଘଟିବାର ୧୬ ଘଣ୍ଟାରୁ ଅଧିକ ସମୟ ବିତି ସାରିଥିଲେ ମଧ ଏହି ଗାଈ ମାଲିକ ଏବେ ଯାଏଁ ପୁଲିସ କିମ୍ବା କୌଣସି ସ୍ଥାନରେ ଅଭିଯୋଗ କରିନାହାନ୍ତି। ତେଣୁ ଏହି ଗାଈ ଗୁଡ଼ିକ କାହାର ତାହା ଏବେ ଯାଏ ଜଣାପଡିନାହିଁ।

ସୂଚନାପ୍ରକାରେ, ସବୁଦିନ ଭଳି ଗତକାଲି ରାତିରେ ଜାତୀୟ ରାଜପଥର ମୁଖ୍ୟ ରାସ୍ତା ସହ ଆଖାପାଖରେ ୨୦ରୁ ଅଧିକ ଗାରୁ ବୁଲାବୁଲି କରୁଥିଲେ। ରାତି ୩ଟା ବେଳେ ୧୬ଟି ଗାଈ ଓ ଗୋରୁ ଖଜୁରିଆ-ଲାଞ୍ଜିପଲ୍ଲୀ ବାଇପାସ୍ ମଝିରେ ଥିବା ନୃସିଂହ ମନ୍ଦିର ସମ୍ମୁଖ ଜାତୀୟ ରାଜପଥ ଉପରେ ଶୋଇ ରହିଥିଲେ। ଏହି ସମୟରେ ଆନ୍ଧ୍ରପ୍ରଦେଶ ଆଡୁ ଦ୍ରୁତ ଗତିରେ ଆସୁଥିବା କୌଣସି ଭାରୀଯାନ ଏହି ଗୋରୁପଲ ଉପରେ ମାଡ଼ି ଯାଇଥିଲା। ଫଳରେ ସେଠାରେ ଶୋଇଥିବା ୧୪ଟି ଗାଈଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ସେହିପରି ଅନ୍ୟ ୨ ଟି ଗାଈ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଭାରୀଯାନଟି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଦୁର୍ଘଟଣା ଯୋଗୁ ଜାତୀୟ ରାଜପଥରେ ଆନ୍ଧ୍ରପ୍ରଦେଶରୁ ଛତ୍ରପୁର ଆଡକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ପ୍ରାଣୀ ଚିକିତ୍ସା ବିଭାଗ କର୍ମଚାରୀ ପହଞ୍ଚି ଆହତ ୨ ଗାଈଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ। ଘଟଣା ସମ୍ପର୍କରେ ପୁଲିସ ନିକଟରେ ଅଭିଯୋଗ ହୋଇନାହିଁ। ଗୋପାଳକମାନେ ଗାଈ ପାଳନ କରୁଥିଲେ ମଧ୍ୟ ରାତିରେ ସେମାନଙ୍କୁ ଖୋଲାରେ ଛାଡ଼ି ଦେଇଥିବାରୁ ଏଭଳି ଘଟଣା ଘଟିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

## ଜୁଲାଇ ୧୫ରେ ପେନ୍‌ସନ୍‌ର ପାଳିବେ ପ୍ରତିବାଦ ଦିବସ

**ପାରଳାଖେମୁଣ୍ଡି,୨୨।୬(ସମିସ):** ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ କେନ୍ଦ୍ର ଅନୁରୂପ ଚିକିତ୍ସାଭତ୍ତା ଓ ଚିକିତ୍ସା ସୁବିଧା ଆଦି ଦାବିରେ ଜୁନ୍ ୧ରୁ ୨୦ ତାରିଖ ପର୍ଯ୍ୟନ୍ତ ୧୧୨ ଶାଖା ସଂଘ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କୁ ଇମେଲ୍ ପଠାଯାଇଥିଲା। ୨ୟ ପର୍ଯ୍ୟାୟରେ ରାଜ୍ୟର ପେନ୍‌ସନରମାନେ ପୋଷ୍ଟକାଡର୍ ଅଭିଯାନରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଆସନ୍ତା ଜୁଲାଇ ଏକ ତାରିଖ ମଧ୍ୟରେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ନେତୃତ୍ୱଙ୍କ ସହ ଆଲୋଚନା କରି ପେନ୍‌ସନ୍‌ଙ୍କ ଜରୁରୀ ସମସ୍ୟାର ସମାଧାନ କରିବାକୁ ନିବେଦନ କରାଯିବ। ଏହା ସତ୍ତ୍ୱେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ନ ହେଲେ ଅଖିଳ ଭାରତ ରାଜ୍ୟ ସରକାରୀ ପେନ୍‌ସନ୍‌ର ମହାସଂଘର ଆହ୍ୱାନ କ୍ରମେ ଓ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ନିଷ୍ପତ୍ତି ଅନୁଯାଇ ଜୁଲାଇ ୧୫ତାରିଖ ଦେଶବ୍ୟାପୀ ପ୍ରତିବାଦ ଦିବସରେ ରାଜ୍ୟର ପେନସନ୍‌ର ସାମିଲ ହେବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ମାର୍ଚ୍ଚ ୨୫ ତାରିଖ ସଂସଦରେ ଅତର୍କିତ ଭାବେ ଅର୍ଥ ଆଇନ-୨୦୨୫ର ଚତୁର୍ଥ ପରିଚ୍ଛେଦକୁ ସଂଶୋଧନ କରି ସାରା ଦେଶର କେନ୍ଦ୍ର ଓ ରାଜ୍ୟ ପେନସନରଙ୍କ ନିମନ୍ତେ ପେନସନ୍ ଅଭିବୃଦ୍ଧି ପାଇଁ ଥିବା ନିୟମକୁ ବିରୋଧ ଦଳର ପ୍ରତିବାଦ ସତ୍ତ୍ୱେ ଗୃହୀତ କରାଯାଇଛି। ଏହି ସଂଶୋଧନକୁ ଅବିଳମ୍ବେ ପ୍ରତ୍ୟାହାର କରି ଓ ପୂର୍ବଭଳି ପେନସନ ଅଭିବୃଦ୍ଧିର ପ୍ରଦାନ କରାଯିବା କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ସାମିଲ୍ ହେବାକୁ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଗଜପତି ଶାଖା ପକ୍ଷରୁ ସଭାପତି ଅଶ୍ୱିନୀ କୁମାର ପାଢୀ ଓ ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା ଆହ୍ୱାନ ଦେଇଛନ୍ତି।

# ନବୀନଙ୍କ ପାଇଁ ସମୂହ ଦୀପଦାନ, ପୂଜାର୍ଚ୍ଚନା ଓ ପ୍ରାର୍ଥନା

ପାରଳାଖେମୁଣ୍ଡି,୨୨।୬(ସମିସ)





ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ପକ୍ଷରୁ ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଜେଡି ନେତୃବୃନ୍ଦ ଏକତ୍ର ହୋଇ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଚତୁର୍ଦ୍ଧାମୂର୍ତ୍ତି ଅଣସର ଗୃହରେ ଥିବାରୁ ଅଲାରନାଥ ତଥା ପଟିଦିଅଁଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ନୀଳାମା ଠାକୁରାଣୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା, ସ୍ଥାନୀୟ ୟୁନିୟନ ଚର୍ଚ୍ଚ ଓ ମସଜିଦ୍‌କୁ ଯାଇ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲା ଯୁବ ବିଜେଡି ସଭାପତି ଏସ୍.ଲିଙ୍ଗରାଜୁ, ଆରଏମସି ସଭାପତି ଏକ୍. ଗଜପତି ରାଓ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା, କାଶୀନଗର ଏନ୍‌ଏସିର ଉପାଧ୍ୟକ୍ଷ ରଘୁରାମ ସାହୁ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀକାନ୍ତ ପରିଚ୍ଛା, ଜମିଦାର ପଟ୍ଟନାୟକ, ରାଜେନ୍ଦ୍ର ବେହେରା, ବିଜେଡି ନେତ୍ରୀ ଶାନ୍ତିଲତା ଜେନା, ଗୋଷାଣି ବ୍ଲକର ସମସ୍ତ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ, କାଶୀନଗର ବ୍ଲକର ଜନପ୍ରତିନିଧିଙ୍କ ସମେତ ପାରଳାଖେମୁଣ୍ଡି ପୌରପରିଷଦର ବିଭିନ୍ନ ୱାର୍ଡର କାଉନସିଲର ଓ ଯୁବନେତା ଉପସ୍ଥିତ ଥିଲେ।

**ଦାରିଙ୍ଗବାଡ଼ି:** ସେହିପରି ଜି.ଉଦୟଗିରି ନିର୍ବାଚନମଣ୍ଡଳୀ ଦାରିଙ୍ଗବାଡ଼ି ଅଞ୍ଚଳର ବିଭିନ୍ନ ଚର୍ଚ୍ଚ ଓ ମନ୍ଦିରରେ ପ୍ରାର୍ଥନା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ରଞ୍ଜନ କୁମାର ପ୍ରଧାନ, ବିଜେଡ଼ି ଜିଲ୍ଲା ସମ୍ପାଦକ ଦୀପକ ସାହୁ, ବିକାଶ ନାୟକ, ସୁଧୀର ସାହୁ, ଓମ୍ ଉପେନ୍ଦ୍ର ନାୟକ, ଛାତ୍ର ସଭାପତି ରୂପକ ସାହୁ ସମେତ ବିଜେଡି କର୍ମକର୍ତ୍ତା, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଏବଂ ଅଞ୍ଚଳବାସୀ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ତେରାବାଡ଼ି ଉଦୀପନା ଚର୍ଚ୍ଚରେ ମଣ୍ଡଳୀର ସମସ୍ତ ସଭ୍ୟ ତଥା ମଣ୍ଡଳୀର ପରାମର୍ଶଦାତା ରଞ୍ଜନ କୁମାର ପ୍ରଧାନ, ଆବିବ ଦିଗାଲ୍, ସୀମାଞ୍ଚଳ ପ୍ରଧାନ, ଅଜିତ ପ୍ରଧାନ, ଆମନ୍ତ ପ୍ରଧାନ, ରାଜୁ ପ୍ରଧାନ ଓ ମଣ୍ଡଳୀର କର୍ମକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଠାରେ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ।

**ଦିଗପହଣ୍ଡି:** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଏବଂ ବିଜୁ ଜନତାଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ରବିବାର ଦିଗପହଣ୍ଡି ବିଜେଡି କାର୍ଯ୍ୟକର୍ତ୍ତା ସ୍ଥାନୀୟ ଶ୍ରୀ ଚନ୍ଦ୍ରଚୁଡେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ପୂଜାର୍ଚ୍ଚନା କରିବା ସହ ଦୀପ ଜାଳିଥିଲେ। ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ର, ନଗର ସଭାପତି ତାରାପ୍ରସାଦ ପଟ୍ଟନାୟକ, ଏନଏସିର କାଉନସିଲର ନୀଳମାଧବ ଗୌଡ଼, କରିସ୍ମା ନାୟକ, ସୁଶାନ୍ତ କୁମାର ପାତ୍ର, ଗୌରାଙ୍ଗ ବେହେରା, ପୂର୍ବତନ କାଉନସିଲର ନିରୂପମା ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଉମା ମହେଶ୍ୱରୀ ସେଠୀ, ଅନୀତା ବେହେରା, ଶିବଲକ୍ଷ୍ମୀ ପଟ୍ଟନାୟକ, ଦଳୀୟ କାର୍ଯ୍ୟକର୍ତ୍ତା ରମେଶ ଚନ୍ଦ୍ର ଜେନା, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ବିପ୍ଳବ ମିଶ୍ର, ରଞ୍ଜନ କୁମାର ପାତ୍ର, ପିଙ୍କୁ ଘଡେଇ, ନିଗମ ପଣ୍ଡା, ଜିତେନ୍ଦ୍ର ମାର୍ଥା, ସମୀର ସ୍ୱାଇଁ, ନୀଳକଣ୍ଠ ପଟ୍ଟନାୟକ ଓ ରାଜେନ୍ଦ୍ର ଗୌଡ଼ଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ରାତି ଅଧରେ ମହିଳାଙ୍କୁ ଛୁରାମାଡ଼

ଖଲ୍ଲିକୋଟ, ୨୨।୬(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଗତକାଲି ମଧ୍ୟରାତ୍ରିରେ ଜଣେ ମହିଳାଙ୍କୁ ଛୁରା ମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ମହିଳା ଜଣଙ୍କୁ ପ୍ରଥମେ ଖଲ୍ଲିକୋଟ ମେଡ଼ିକାଲ ପରେ ବ୍ରହ୍ମପୁର ବଡ଼



ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ମହିଳା ଜଣଙ୍କ ରାମଚନ୍ଦ୍ରପୁର ଗ୍ରାମର କନ୍ଧ ତରେଇଙ୍କ ସ୍ତ୍ରୀ ଗେଲି ତରେଇ (୫୦)। ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ଗେଲି ପରିସ୍ରା କରିବାକୁ ଘର ବାହାରକୁ ବାହାରିବାବେଳେ ପୂର୍ବରୁ ଛକି ରହିଥିବା କିଛି ଦୁର୍ବୃତ୍ତ ହଠାତ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଗେଲିଙ୍କ ଦୁଇ ହାତ ସହ ଦେହର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ତୁରନ୍ତ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ମେଡ଼ିକାଲ ଓ ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଆକ୍ରମଣର କାରଣ ସ୍ପଷ୍ଟ ହୋଇନି।

## ପୋଚାଲୁଣ୍ଡି ପଞ୍ଚାୟତରେ ବିକାଶ ବାହନ

ବୁଗୁଡ଼ା, ୨୨।୬(ସମିସ): ବୁଗୁଡା ବ୍ଲକ ପୋଚାଲୁଣ୍ଡି ପଞ୍ଚାୟତରେ ଶନିବାର ବିକାଶ ବାହନ ରଥକୁ ପଞ୍ଚାୟତବାସୀ ସ୍ୱାଗତ କରିଛି। ସରପଞ୍ଚ ସୁଜାତା କୁମାରୀ ପ୍ରଧାନ, ବାଲିପଦର ମଣ୍ଡଳ ବିଜେପି ସଭାପତି ଭଗବାନ ଜେନା ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ବିଭାଗର କର୍ମଚାରୀ, ୱାର୍ଡ ସଭ୍ୟ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ମହିଳା, ଗ୍ରାମବାସୀ, ଉପସ୍ଥିତ ଥିଲେ।

## କତିଙ୍ଗିଆରେ ବିକଶିତ ଭାରତ କାର୍ଯ୍ୟକ୍ରମ

ଜି.ଉଦୟଗିର, ୨୨।୬(ସମିସ): ଜି.ଉଦୟଗିରି ବ୍ଲକ କତିଙ୍ଗିଆ ପଞ୍ଚାୟତରେ ବିକଶିତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ପିବିସି ଜଗନ୍ନାଥ ରଥ ପରିଚାଳନା କରିଥିବା ବେଳେ ବିଜେପି କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ ଯୋଗ ଦେଇଥିଲେ।

## ଚିନିଶିଳ୍ପ ପରିଚାଳନା ପରିଷଦ ବୈଠକ

ଆସିକା, ୨୨।୬(ସମିସ): ଆସିକା ଚିନିଶିଳ୍ପ ସଭାଗୃହ ପରିସରରେ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ରବୀନ୍ଦ୍ର ନାଥ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଉପ ସଭାନେତ୍ରୀ ସ୍ନେହଲତା ଚଣ୍ଡ, ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ବରାଡ଼, ନିରଞ୍ଜନ ପ୍ରଧାନ, ସରିତ କୁମାର ପ୍ରଧାନ, ବସନ୍ତ କୁମାର ଦଳେଇ, ଧରମୁ ପ୍ରଧାନ, ରତ୍ନାକର ସାହୁ, ସନ୍ତୋଷ କୁମାର ପ୍ରଧାନ, ଶତ୍ରୁଘ୍ନ ଭୂୟାଁ, ପରିଚାଳନା ନିର୍ଦ୍ଦେଶକ ଡ଼ ସୁଶାନ୍ତ କୁମାର ପଣ୍ଡା, ସମ୍ପାଦକ ସନ୍ତୋଷ କୁମାର ମଲିକଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷର ଆୟ ବ୍ୟୟ, ଲାଭ କ୍ଷତି ଓ ଜମା ଖର୍ଚ୍ଚର ଆଲୋଚନା ଓ ଅନୁମୋଦନ ହୋଇଥିଲା। ୨୦୨୫-୨୬ ବଜେଟ ଆକଳନ ମଧ୍ୟ ପଠନ କରି ଅନୁମୋଦନ କରାଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ଚିନିଶିଳ୍ପର ଆଧୁନିକୀକରଣ ବାବଦକୁ ମିଳୁଥିବା ଅନୁଦାନ କିପରି ସୁପରିଚାଳନା ହୋଇପାରିବ, ହେବାକୁ ଥିବା ବାର୍ଷିକ ସାଧାରଣ ସଭା ତାରିଖ ଧାର୍ଯ୍ୟ ଓ ସୁପରିଚାଳନା, ଚିନିଶିଳ୍ପର ହିସାବପତ୍ରର ସମୀକ୍ଷା, ଆଖୁର ଉଚିତ ମୂଲ୍ୟ ନିର୍ଦ୍ଧାରଣ, ଆଖୁ କ୍ଷେତ ନିମନ୍ତେ କୃଷି ଶ୍ରମିକର ଉତ୍କଟ ଅଭାବ ଓ ଏହାର ସମାଧାନ, ଆଖୁ କ୍ଷେତରେ ବନ୍ୟଜନ୍ତୁଙ୍କ ଉପଦ୍ରବ ଏବଂ ଜଳସେଚନର ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ୨୮ ଅପରାଧୀଙ୍କ ଘରେ ଲଟ୍‌କା ଜାରି କଲା ଗଞ୍ଜାମ ପୁଲିସ

ଛତ୍ରପୁର, ୨୨।୬(ସମିସ)



ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଇଲାକାରେ ରହୁଥିବା ଫେରାର୍ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଘର ବାହାରେ ଲଟ୍‌କା ଜାରି କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଅପରାଧୀମାନେ ହାଜର ହେଉ ନାହାନ୍ତି। ଏଣୁ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ଏହା ସତ୍ତ୍ୱେ ସେମାନେ କୋର୍ଟରେ ହାଜର ହୋଇ ନଥିଲେ। ଏଣୁ ସେମାନଙ୍କୁ ପଳାତକ ଘୋଷଣା କରାଯାଇ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଲଟ୍‌କା ଜାରି ହୋଇଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଛତ୍ରପୁର, ଭଞ୍ଜନଗର, ପୁରୁଷୋତ୍ତମପୁର ଓ ଆସିକା ପୁଲିସ ସବ୍‌ଡିଭିଜନ ଅଧୀନରେ ଥିବା ଥାନାଗୁଡ଼ିକର ୨୮ ଜଣ ଅପରାଧୀଙ୍କ ଘର ବାହାରେ ଲଟ୍‌କା ଜାରି କରାଯାଇଛି। ସେଥିମଧ୍ୟରୁ ଭଞ୍ଜନଗର ଥାନା ଅଞ୍ଚଳରେ ୪ ଜଣ ଅପରାଧୀ ରହିଥିବା ବେଳେ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ୨ଜଣ, ବେଲଗୁଣ୍ଠା ଥାନା ଅଞ୍ଚଳରେ ୨ଜଣ, ତାରସିଂ ଥାନା ଅଞ୍ଚଳରେ ୨ଜଣ, ଗାଙ୍ଗପୁର ଥାନା ଅଞ୍ଚଳରେ ୫ଜଣ, ବୁଗୁଡ଼ା ଥାନା ଅଞ୍ଚଳରେ ୩ଜଣ, ପୋଲସରା ଥାନା ଅଞ୍ଚଳରେ ୩ଜଣ, ଛତ୍ରପୁର ଥାନା ଅଞ୍ଚଳରେ ୪ଜଣ, ପୁରୁଷୋତ୍ତମପୁର, ରମ୍ଭା ଓ ଖଲିକୋଟ ଥାନା ଅଞ୍ଚଳର ଜଣେ ଲେଖାଏଁ ଅପରାଧୀଙ୍କ ଘର ବାହାରେ ଲଟ୍‌କା ଜାରି କରଯାଇଛି। ଠିକ୍ ସମୟରେ ଅପରାଧୀମାନେ କୋର୍ଟରେ ହାଜର ନହେଲେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ନୋଟିସ୍ କରାଯାଇଛି। ଆଗକୁ ମଧ୍ୟ ଏଭଳି ପ୍ରକ୍ରିୟା ଜାରି ରହିବ ବୋଲି ଗଞ୍ଜାମ ଏସ୍‌ପି କହିଛନ୍ତି।

## ଫେରାର ଦୁଷ୍କର୍ମ ଅଭିଯୁକ୍ତକୁ ପଳାତକ ଘୋଷଣା

ଖଲ୍ଲିକୋଟ, ୨୨।୬(ସମିସ): ୨୦୧୯ ମସିହାରେ ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଫେରାର ଥିବା ଅଭିଯୁକ୍ତକୁ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟଙ୍କ ଦ୍ୱାରା ପଳାତକ ଘୋଷଣା କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ପରେ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ପୁଲିସ ଟିମ ସହ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ଡେଙ୍ଗୁରା ବାଡ଼େଇବା ସହ ଅଭିଯୁକ୍ତର ଘର ଆଗରେ ଲଟ୍‌କା ଜାରି କରିଥିଲେ।



ସୂଚନା ଅନୁଯାୟୀ, ୨୦୧୯ରେ ଖଲ୍ଲିକୋଟ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ମାମଲା (ନଂ.୧୦୫/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପୀଡିତା ନାବାଳିକା ହୋଇଥିବାରୁ ମାମଲା ପୋକ୍‌ସୋ କୋର୍ଟ ଜିଆର କେଶ ନମ୍ବର ୫୧/୨୦୧୯ ଅନୁଯାୟୀ ଚାଲିଥିଲା। ତେବେ କୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଅଭିଯୁକ୍ତ ରଞ୍ଜନ ପରିଡ଼ା ହାଜର ନ ହେବାରୁ ୱାରେଣ୍ଟ ଜାରି ହୋଇଥିଲା। ଏହା ସତ୍ତ୍ୱେ ମଧ୍ୟ ରଞ୍ଜନ ହାଜର ନ ହେବାରୁ ତାକୁ ପଳାତକ ଘୋଷଣା କରିଛନ୍ତି କୋର୍ଟ। ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ପୁଲିସ ଟିମ ସହ ଅଭିଯୁକ୍ତ ରଞ୍ଜନ ପରିଡ଼ାର ଗାଁ ଗୁରୁଣ୍ଡି ସାକରପୋଇକୁ ଯାଇ ଡେଙ୍ଗୁରା ବାଡ଼େଇବା ସହ ଅଭିଯୁକ୍ତ ଘର ଆଗରେ ଲଟ୍‌କା ଜାରି କରିଥିଲେ। ଏହି ସମୟରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ ଉପସ୍ଥିତ ଥିଲେ। ଅଭିଯୁକ୍ତ ରଞ୍ଜନ ଆଗାମୀ ୩୦ଦିନ ମଧ୍ୟରେ କୋର୍ଟରେ ହାଜର ନ ହେଲେ ତାର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ବ୍ୟାଜାପ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ବିଡ଼ିପୁର ପଞ୍ଚାୟତରେ ବିକାଶ ବାହନ ରଥ



ଜଗନ୍ନାଥପ୍ରସାଦ, ୨୨।୬(ସମିସ): ଶନିବାର ଶେଷ ଦିନରେ ବିଡ଼ିପୁର ପଞ୍ଚାୟତ ଆନୁକୂଲ୍ୟରେ ଚନ୍ଦ୍ରଶେଖର କୃଷି ନୋଡାଲ ଉଚ୍ଚ ବିଦ୍ୟାଳୟ ନିକଟ କଲ୍ୟାଣୀ ମଣ୍ଡପରେ ବିକାଶ ବାହାନ ରଥର ଉଦ୍‌ଘାଟନ ହୋଇଥିଲା। ପିଇଓ ତୁଷାରକାନ୍ତ ମଲ୍ଲିକ ଓ ସରପଞ୍ଚ ରଶ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମିତିଙ୍କ ପ୍ରତିନିଧି ବିପ୍ର ଚରଣ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନ୍ମଥ ନାଥ ମଲ୍ଲିକ, ଜିପିଡିଓ ମାଥୁରାମ ନାୟକ, ସରପଞ୍ଚ ରଶ୍ମିତା ସାହୁ, ସମିତି ଗୀତାରାଣୀ ବାରିକ, ସାଂସଦଙ୍କ ପ୍ରତିନିଧି ମହେନ୍ଦ୍ର କୁମାର ପଣ୍ଡା, ବିପ୍ର ଚରଣ ବାରିକ, ଲକ୍ଷ୍ମୀକାନ୍ତ ବିଶୋଇ ପ୍ରମୁଖ ମଞ୍ଚାସୀନ ଥିଲେ।

## ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ

ଦିଗପହଣ୍ଡି, ୨୨।୬(ସମିସ): ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଶନିବାର ଦିଗପହଣ୍ଡି ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପ୍ରଥମେ ବିଧାୟକ ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏବଂ ପରେ ଏନ୍‌ଏସି ଓ ବ୍ଲକ ପ୍ରଶାସନ ପକ୍ଷରୁ ବଡଖେମୁଣ୍ଡି ହାଇସ୍କୁଲ ପଡ଼ିଆ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଯୋଗ ଦିବସରେ ଯୋଗ ଦେଇଥିଲେ। ସେହିପରି ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଆଙ୍କୋରଡା ପଞ୍ଚାୟତ ରାଜପୁର ଗ୍ରାମ ଶେଷରେ ରହିଥିବା ଯୋଗେଶ୍ୱର ମହାଦେବଙ୍କ ପୀଠରେ ଚାରାରୋପଣ କରିଥିଲେ। ପରିଶେଷରେ ପୁଣିଥରେ ଦିଗପହଣ୍ଡି ପୁଞ୍ଜିକୟାଁ ଛକ ସ୍ଥିତ କବିସୂର୍ଯ୍ୟ କଲ୍ୟାଣ ମଣ୍ଡପରେ ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିକାଶ ବାହନ ରଥର ଶୁଭାରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୩ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଭତ୍ତା ସମେତ ଅନ୍ୟାନ୍ୟ ଭତ୍ତା ବଣ୍ଟନ କରି ଫେରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ



ବିଡ଼ିଓ ଅନାମିକା ପାଣ୍ଡେ, ତହସିଲଦାର ସନ୍ତୋଷ କୁମାର ସାହୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକ, ନଗରପାଳ ପ୍ରଫୁଲ୍ଲ ପଣ୍ଡା, ଉପାଧକ୍ଷା ପ୍ରତିନିଧି କେ. କୁନା, କାଉନସିଲର ଏନ୍‌ଏସି ଓ ବ୍ଲକ ପ୍ରଶାସନର ଅନ୍ୟାନ୍ୟ କର୍ମକର୍ତ୍ତା, କାଉନସିଲର ନୀଳମାଧବ ଗୌଡ଼, ସୁଶାନ୍ତ କୁମାର ପାତ୍ର, ସୁନୀଲ କୁମାର ପଣ୍ଡା, ସନ୍ତୋଷିନୀ ବେହେରା, ପ୍ରତିନିଧି ରମେଶ ଚନ୍ଦ୍ର ଜେନା, ଇ.ଶଙ୍କର, ଏନ୍‌ଏସି ସହକାରୀ ଯନ୍ତ୍ରୀ ଇଂ.ମମତା କୁମାରୀ ପଣ୍ଡା, ରାଜକିଶୋର ରଥ, ସନ୍ତୋଷ କୁମାର ପାଢ଼ୀ, ସତ୍ୟନାରାୟଣ ଦାସ ପ୍ରମୁଖ ବିଭିନ୍ନ ବିଭାଗୀୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

## ୨୪ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି

ଜି.ଉଦୟଗିରି, ୨୨।୬(ସମିସ): ଜି. ଉଦୟଗିରି ପଦାସାହି ନିକଟ କକଟିପାହାଡ ଉପରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ହୋଇଛି ଶିଳାନ୍ୟାସ। ଏଥିପାଇଁ ତିନିଦିନ ହେଲା ଚାଲିଥିବା ନାମଯଜ୍ଞ ଶନିବାର ଶେଷ ହୋଇଛି। ୪୦ରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗ ଦେଇଥଲେ। ପୂର୍ଣ୍ଣାହୂତି ପରେ କଳସ ବିସର୍ଜନ କରାଯାଇଛି। ଶୀଘ୍ର ମନ୍ଦିର ନିର୍ମାଣ କାମ ଆରମ୍ଭ କରାଯିବ।

## ଚାରିକାନ୍ଥ ଭିତରେ ହେଲା ବ୍ଲକସ୍ତରୀୟ ଯୋଗ ଦିବସ

ତୁମୁଡିବନ୍ଧ, ୨୨।୬(ସମିସ): ତୁମୁଡିବନ୍ଧରେ ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ତୁମୁଡିବନ୍ଧ ବ୍ଲକର ୧୧ ପଞ୍ଚାୟତରେ ଆୟୋଜିତ ହୋଇଯାଇଛି। ପଞ୍ଚାୟତରେ ସମସ୍ତ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ଯୋଗାଣ ସହାୟକ ଓ ଅନ୍ୟ ଅଧିକାରୀ ଯୋଗ ଦେଇ ଯୋଗ ପ୍ରାଚୀନ ଭାରତର ପରମ୍ପରା ବୋଲି ଅଭିହିତ କରିଥିଲେ। ମହାନ ପରମ୍ପରାକୁ ପୁନର୍ଜୀବିତ କରାଯାଇଛି ବୋଲି ବିଡିଓ ବନବିହାରୀ ହରପାଲ କହିଥିଲେ। ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଅତିରିକ୍ତ ଶିକ୍ଷା ଅଧିକାରୀ, ସହାୟକ ଯନ୍ତ୍ରୀ ସିଡିପିଓଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇଥିଲେ।



ଚଳିତବର୍ଷ କିନ୍ତୁ ଏହି କାର୍ଯ୍ୟକ୍ରମ କେବଳ ବ୍ଲକ କାର୍ଯ୍ୟାଳୟ ଭିତରେ ସୀମିତ ରହିଗଲା। ଯେଉଁ ମାତ୍ରାରେ ପ୍ରଚାର ପ୍ରସାର ହେବା କଥା ସ୍ଥାନୀୟ ବ୍ଲକ ପ୍ରଶାସନ ତାହାର କରି ନଥିବା ଅଭିଯୋଗ ହୋଇଛି। ଖୋଲା ପଡ଼ିଆ ପରିବର୍ତ୍ତେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଯୋଗ ଦିବସ ପାଳନ କରାଯାଇଥିଲା। ୫ ବର୍ଷ ହେଲା ଯୋଗ ଦିବସକୁ ବ୍ଲକ ପ୍ରଶାସନ ଦ୍ୱାରା ତୁମୁଡିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜନ କରାଯାଉଥିଲା। କିନ୍ତୁ ଚଳିତବର୍ଷ ସେଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଛାତ୍ରଛାତ୍ରୀ, ବିରୋଧୀ ଦଳ ଓ ସରକାରୀ ଦଳର ନେତାଙ୍କୁ ମଧ୍ୟ ସାମିଲ କରାଯାଉଥିଲା। କିନ୍ତୁ ଚଳିତବର୍ଷ ତାହା ହୋଇନାହିଁ। ବିରୋଧୀ ଦଳର ନେତା ଓ କର୍ମୀ କହିଛନ୍ତି ଅନ୍ତର୍ଜାତୀୟ ଯୋଗ ଦିବସରେ ମଧ୍ୟ ପ୍ରଶାସନର ରାଜନୈତିକ ବ୍ୟବହାର ଓ ଭେଦଭାବ ସାମ୍ନା କରିବାକୁ ପଡ଼ିଛି।

# ‘ଶରୀରକୁ ନିରୋଗ ରଖିଥାଏ ଯୋଗ’










ଗଞ୍ଜାମ, ୨୨।୬(ସମିସ)

ସ୍ଥାନୀୟ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ଗଞ୍ଜାମ ଜିଲ୍ଲା ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ନିର୍ଦ୍ଦେଶକ ମନୋଜ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ଯୋଗ ପ୍ରଶିକ୍ଷକ ପଦ୍ମନାଭ ବେହେରା ଯୋଗଦେଇ ବିଭିନ୍ନ ଯୋଗାସନ ଓ ପ୍ରାଣାୟମ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଟିଆଇଆଇଟି ଅନୁଷ୍ଠାନ ମୁଖ୍ୟ ତଥା ଯୁବ ସମାଜସେବୀ ବିଜୟ ଭାସ୍କର ରେଡ୍ଡିଙ୍କ ନେତୃତ୍ୱରେ ୬୦ ଜଣ ଛାତ୍ରଛାତ୍ରୀ ଉକ୍ତ ଯୋଗ ଶିବିରରେ ସାମିଲ ହୋଇ ଯୋଗାଭ୍ୟାସ କରିଥିଲେ। ଉମାକାନ୍ତ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଂଶୁମାନ ପଟ୍ଟନାୟକ, ବାଦଲ ଜେନା, ସୁବାସ ଚନ୍ଦ୍ର ସାହୁ, ସୁରେଶ ମହାରଣା, ସୀମାଞ୍ଚଳ ସାହୁ, ନିର୍ମଳ କୁମାର ପାଣିଗ୍ରାହି, ବିଶ୍ୱନାଥ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

**କୋଦଳା:** ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ରଘୁନାଥ ମୁଦୁଲି ଅଧକ୍ଷତା କରିଥିଲେ। ଯୋଗ ପ୍ରଶିକ୍ଷିକା ଭାବରେ ପ୍ରଜାପିତା ବ୍ରହ୍ମକୁମାରୀ ଯୋଗକେନ୍ଦ୍ର, କୋଦଳାର ବରିଷ୍ଠ ରାଜଯୋଗ ଶିକ୍ଷୟିତ୍ରୀ ବିକେ ସୁମିତ୍ରା, ତାଙ୍କ ଅନୁଷ୍ଠାନର ସଦସ୍ୟ ବିଜୟ ଭାଇ, ସଞ୍ଜୟ ଭାଇ, ରଶ୍ମିରଞ୍ଜନ ଭାଇ, ଦୀନବନ୍ଧୁ ଭାଇ, ମମତା ଭଉଣୀ, ପ୍ରଭାସିନୀ ଭଉଣୀଙ୍କୁ ସାଙ୍ଗରେ ନେଇ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଗହଣରେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ଇତିହାସ ବିଭାଗ ମୁଖ୍ୟ ବିନୋଦ କୁମାର ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ପ୍ରଦୀପ କୁମାର ପଣ୍ଡା, ହିସାବ ନିରୀକ୍ଷକ ସାଗର ଚାନ୍ଦ ପାତ୍ରଙ୍କ ସମେତ ଅନେକ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗୀୟ ମୁଖ୍ୟ ରଞ୍ଜୁବାଳା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

**ଧରାକୋଟ:** ଧରାକୋଟ ବ୍ଲକ ମୁଣ୍ଡମରାଇ ଗ୍ରାମ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। ସମ୍ପାଦକ ଚିଦାନନ୍ଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମହେଶ୍ୱର ସ୍ୱାଇଁ ଆବାହକ ଭାବେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଗଣେଶ ଚନ୍ଦ୍ର ପାତ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଧରାକୋଟ ଖଣ୍ଡ ସେବା ପ୍ରମୁଖ ଦୀନବନ୍ଧୁ ମହାରଣା ଯୋଗ ପ୍ରଦର୍ଶନ କରିଥିଲେ। ଯୋଗ ପ୍ରମୁଖ ତଥା ବରିଷ୍ଠ ଗୁରୁଜୀ ବଳରାମ ଡାକୁଆ, ଗୁରୁଜୀ ସୁବ୍ରତ ପଟ୍ଟନାୟକଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଅଂଶଗ୍ରହଣ କରିଥିଲେ। ସେହିପରି ଧରାକୋଟ ବ୍ଲକ ମିନି ଷ୍ଟାଡିୟମରେ ଯୋଗଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନୀତ ଅତିଥି ଭାବରେ ଭାରପ୍ରାପ୍ତ ବିଡିଓ ସୁଶିଲ ପଟ୍ଟନାୟକ, ଏବିଇଓ ସୌରୀ ଶଙ୍କର ବେହେରା, ମନରେଗା ବିଭାଗର ଆମେଶ ବେହେରା ଉପସ୍ଥିତ ରହିଥିଲେ। କ୍ରୀଡ଼ା ଶିକ୍ଷକ ଅନୀଲ ନାୟକ ଯୋଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବେଲଗୁଣ୍ଠା:** ବେଲଗୁଣ୍ଠା ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇ ସ୍ୱାସ୍ଥ୍ୟ ପାଇଁ ଯୋଗାଭ୍ୟାସର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଅତିରିକ୍ତ ତହସିଲଦାର ଫକୀର ଜୀବନଜ୍ୟୋତି ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ, କାର୍ଯ୍ୟ ନିର୍ବାହି ଅଧିକାରୀ ବନମାଳୀ ଶତପଥି, ବେଲଗୁଣ୍ଠା ନଗରପାଳ ଫିରୋଜ ସେଠୀ, ବ୍ଲକ ଅଧକ୍ଷା ମମତା ଭୋଳ, ଯୋଗାଣ ନିରିକ୍ଷକ ସମ୍ବିତ୍ ପ୍ରସାଦ ଦାସ୍, ସହକାରୀ ନିର୍ବାହି ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସିଡ଼ିପିଓ ନଳିନୀ ମହାରଣା, ଜିପିଡିଓ ରଶ୍ମିତା ବାର୍ଲା, ସମିତିସଭ୍ୟ ବିଭୂପାଦ ଜେନା, ଆୟୁଷ ଡାକ୍ତର ଜଗନ୍ନାଥ ପତି, ଆଶିଷ ମହାପାତ୍ରଙ୍କ ସମେତ ବହୁ କାଉନସିଲର୍, ଆଇସିଡିଏସ୍ ଅଞ୍ଚଳ ପରିଦର୍ଶିକା, ଅଙ୍ଗନବାଡି କର୍ମୀ, ସହାୟିକା ଉପସ୍ଥିତ ରହି ଯୋଗାଭ୍ୟାସ କରାଇଥିଲେ। ମାଷ୍ଟର୍ ଟ୍ରେନର୍ କଳ୍ପନା ସେଠୀ, ଶିବରାମ ସ୍ୱାଇଁ ଯୋଗ ଶିକ୍ଷା ଦେଇଥିଲେ।

**ଆସିକା:** ଆସିକାର ବିଭିନ୍ନ ସ୍ଥାନରେ ଯୋଗ ଶିବିର ପାଳିତ ହୋଇଯାଇଛି। ପତଞ୍ଜଳି ଯୋଗ ଶିବିର ପକ୍ଷରୁ ଯୋଗ ଶିବିର ହୋଇ ଥିବା ବେଳେ ଯୋଗ ଗୁରୁ ଗୁଣ୍ଡିଚା ମହାରଣା, ଯୋଗ ଗୁରୁ ଆର. କାମେଶ୍ୱର ଅଚାରୀ, ଏବଂ ମାର୍କଣ୍ଡ ନାୟକ ଉପସ୍ଥିତ ରହି କର ଯୋଗ ହୁଅ ନିରୋଗ ଏଭଳି ବାର୍ତ୍ତା ଦେଇ ବିଭିନ୍ନ ଶୈଳୀ ମାଧ୍ୟମରେ ଯୋଗାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅବସର ପ୍ରାପ୍ତ ଶିକ୍ଷକ ଗଣେଶ ରଥ ଉପସ୍ଥିତ ରହିଥିବା ପରିଚାଳନା କରିଥିଲେ ପତଞ୍ଜଳି ଯୋଗ ଶିବିର ସଭାପତି ଦିଲୀପ କୁମାର ପାଣିଗ୍ରାହୀ। ସେହିପରି ଆସିକା ଏନଏସି କାର୍ଯ୍ୟାଳୟ ପରିସରରେ ଯୋଗ ଶିବିର କାର୍ଯ୍ୟକ୍ରମ ହୋଇ ଥିବା ବେଳେ ବିଭିନ୍ନ ପଞ୍ଚାୟତ ଓ ସରକାରୀ ଶିକ୍ଷା ଅନୁଷ୍ଠାନରେ ମଧ୍ୟ ଯୋଗ ଶିବିର ପାଳିତ ହୋଇଯାଇଛି।

**ରମ୍ଭା:** ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ପରିସରରେ ରମ୍ଭା ଏନ୍‌ଏସି ଅଧକ୍ଷା ମାନସୀ ସ୍ୱାଇଁଙ୍କ ଅଧକ୍ଷତାରେ ବିଶ୍ୱ ଆନ୍ତର୍ଜାତୀୟ ଦିବସ ଅବସରରେ ରମ୍ଭା ଠାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହିତ ସାମାଜିକ କର୍ମୀ ପାତାଞ୍ଜଳି ଗ୍ରୁପ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଜୁନ ୦୬ ତାରିଖକୁ




ଅନ୍ତର୍ଜାତୀୟ ଯୋଗ ଦିବସ ରୂପେ ଭାରତ ବର୍ଷରେ ବିଭିନ୍ନ ଜାଗାରେ ଭିନ୍ନ ଭିନ୍ନ ସ୍ଥାନରେ ପାଳିତ କରାଯାଉଛି। ତତସହିତ ଅନୁରୂପ ଭାବେ ରମ୍ଭା ଚିଲିକା ଜେଟି କୂଳରେ ଖଲ୍ଲିକୋଟ ତହସିଲଦାର ଡ଼ି. ମାଲେଶ୍ୱର ପାତ୍ର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଡ଼ା. ସରୋଜ ଦାଶ, ଆୟୁଷ ଡାକ୍ତର ମୀରାବାଇ ପଣ୍ଡା, ରମ୍ଭା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ପଞ୍ଚାନନ ଖଟୁଆ, ମହେନ୍ଦ୍ର ସେନାପତି, ଭିକାରୀ ବିଶ୍ୱାଳ, ପତଞ୍ଜଳି ଯୋଗଗୁରୁ ଏମ. ଅକ୍ଷୟ ସୁବୁଦ୍ଧି, ଗୁରୁଜୀ ଶ୍ରୀନିବାସ ପ୍ରଧାନ, ବିଜୟ ମିସ୍ତ୍ରୀ, ଶଙ୍କର ସାହୁ, କେ.ସତ୍ୟନାରାୟଣ ଆଚାରୀ, କାହ୍ନା ସ୍ୱାଇଁ, ଘନଶ୍ୟାମ ବେହେରା, କାଉନସିଲର କ୍ଷେତ୍ର ମୋହନ ବେହେରା, ଆଶା ଦିଦି, ସ୍ୱଚ୍ଛ ସାଥି, ରମ୍ଭା ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଏନଏସିର କର୍ମରତ କର୍ମଚାରୀ ପ୍ରମୁଖ ଏହି ଯୋଗ ଶିବିରରେ ବିଭିନ୍ନ ଯୋଗାସନ ଉପସ୍ଥିତ ରହି ଯୋଗ କରିଥିଲେ। ଦୈନ ଦିନ ଜୀବନରେ ନିତ୍ୟ ଯୋଗାଭ୍ୟାସ କରିବା ପାଇଁ ସମସ୍ତେ ଶପଥ ପାଠ ନେଇଥିଲେ। କାର୍ଯ୍ୟକ୍ରମକୁ ଏନଏସିର କର୍ମରତ କର୍ମଚାରୀ ଦୀପକ କୁମାର ବିଷୋୟୀ, ସର୍ବନାମ ଦାଶ, ଜେଇ ଲୋକନାଥ ପାଢ଼ୀ, ମନୋଜ ସେନାପତି, ପ୍ରେମ ସାହୁ, ଚିକାଲା ଲୋଖେଶ୍ୱରୀ, ସି.ଓ ପ୍ରଭାସିନୀ ନାୟକ, କେ. ଜ୍ୟୋତି ଦୋରା, ନିରଞ୍ଜନ ନାୟକ, କାଳିଆ ନାୟକ, ମନୋଜ ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ।

